

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୨ ● ସଂଖ୍ୟା–୪୨ ● ୯ ମାର୍ଚ୍ଚ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-42 ● 9th March 2025, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଆନ୍ତର୍ଜାତିକ ମହିଳା ଦିବସରେ ୧ କୋଟି ମହିଳା ପାଇଲେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି

ବ୍ରହ୍ମପୁର, ୮।୩
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆଠାରେ ରାଜ୍ୟର ୧ କୋଟି ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୯ ମାସର ଆମର ନୂଆ ସରକାର ଆଜି ରାଜ୍ୟର ୧ କୋଟିରୁ ଅଧିକ ମା'ଙ୍କ ପାଇଁ ଆର୍ଥିକ ସ୍ୱାଧୀନତାର ରାସ୍ତା ଖୋଲି ପାରିଛି । ସବୁ ମା'ଙ୍କୁ ୨ଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ମିଳିଲା। ସେ ଦୃଷ୍ଟିରୁ, ମୁଖ୍ୟମନ୍ତ୍ରୀ ଭାବେ ଆଜି ଦିନଟି ମୋ ପାଇଁ ସବୁଠାରୁ ସନ୍ତୋଷର ଦିନ ଓ ସବୁଠାରୁ ଗୌରବର ଦିନ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଯେଉଁମାନେ ପଚାରୁଛନ୍ତି ଯେ ଆମ ସରକାର ୯ ମାସରେ କ'ଣ କରିଛି, ସେମାନଙ୍କୁ କୁହନ୍ତୁ ଯେ ୨୪ ବର୍ଷରେ ଯେଉଁ ସରକାର ମହିଳାଙ୍କ ପାଇଁ କେବଳ ସ୍ଲୋଗାନ



ଦେଉଥିଲେ, ମୋହନ ସରକାର କ୍ଷମତାକୁ ଆସିବାର ମାତ୍ର ୨୪ ମିନିଟ ମଧ୍ୟରେ ଐତିହାସିକ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଏବଂ ଖୁସିର ବିଷୟ ଯେ ତିନିମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ କରି ଆଜି ୯ ମାସ ମଧ୍ୟରେ ଏକ କୋଟିରୁ ଅଧିକ ମହିଳାଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଆମର ନିନ୍ଦୁକମାନେ ଭୁଲି ଯାଇଛନ୍ତି ଯେ ଶିଶୁଟିଏ ଜନ୍ମ ହେବାକୁ ମଧ୍ୟ ମା' ଗର୍ଭରେ ୯ ମାସ ବିତେଇବାକୁ ପଡିଥାଏ। ଆମ ସରକାରର ୯ ମାସ ପୂରଣ କରିବାକୁ ଆହୁରି ଚାରିଦିନ ବାକି ଅଛି। କିନ୍ତୁ ଏହି ସ୍ୱଳ୍ପ ସମୟ ଭିତରେ ଆମେ ଓଡିଶାର ଜନସାଧାରଣଙ୍କ ପାଇଁ ଯେଉଁ କାର୍ଯ୍ୟ କରି ପାରିଛୁ, ତାହା ସେମାନେ ପ୍ରକୃତରେ ବିଶ୍ୱାସ କରିପାରୁ ନାହାନ୍ତି। ସେମାନେ ବିଶ୍ୱାସ କରି ପାରୁନାହାନ୍ତି ଯେ ଚାଷୀଙ୍କୁ ୨୪ ବର୍ଷ ରେ ଏମ୍ଏସ୍‌ପି ଠାରୁ କିଛି ଅଧିକ ଟଙ୍କା ଦେଇ ପାରିଲେ ନାହିଁ , କିନ୍ତୁ ଏ ନୂଆ ସରକାର କିପରି ଭାବେ ୨୪ ମିନିଟରେ କୁଇଣ୍ଟାଲ ପିଛା ୧୦୦ ନୁହେଁ, ୮୦୦ ଟଙ୍କା ଦେବା ପାଇଁ ନିଷ୍ପତ୍ତି ନେଇଗଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଜବାବ ରଖି କହିଥିଲେ ଯେ, ୨୪ ବର୍ଷ ଧରି ଆପଣ ଯାହା କରିବାକୁ ଚିନ୍ତା କରିପାରି ନ ଥିଲେ ଆମେ ତାକୁ କାର୍ଯ୍ୟରେ ପରିଣତ କରିଛୁ। ଗରିବ ପରିବାରଙ୍କ କନ୍ୟା ସନ୍ତାନ ବିବାହ ଏବଂ ରାଜ୍ୟର ଗରିବ ଜନସାଧାରଣଙ୍କୁ ନିଃଶୁଳ୍କ ଜଗନ୍ନାଥ ଦର୍ଶନ କରାଇବାର ନିଷ୍ପତ୍ତି ମଧ୍ୟ ଆମେ ନେଇଛୁ। ସେ ପୁଣି କହିଥିଲେ, ଏହି କାର୍ଯ୍ୟକ୍ରମ ଆଜି ଏକ ବିପ୍ଳବରେ ପରିଣତ ହୋଇଛି, ସୁଭଦ୍ରା ବିପ୍ଳବ। କାରଣ ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ। ସୁଭଦ୍ରା ଯୋଜନା ଏକ ବ୍ୟାପକ ଅଭିଯାନର ରୂପ ନେବାକୁ ଯାଉଛି। କିଶୋରୀ ମାନଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ *(ପୃଷ୍ଠା ୭ରେ)*

## ସ୍ୱାବଲମ୍ବୀ, ସ୍ୱାଭିମାନୀ, ସ୍ୱତନ୍ତ୍ର ଓ ସଶକ୍ତ ନାରୀର ବଳରେ ହିଁ ବିକଶିତ ଭାରତ ନିର୍ମାଣ ସମ୍ଭବ

ନୂଆଦିଲ୍ଲୀ, ୮।୩

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କହିଛନ୍ତି ଯେ, ସ୍ୱାବଲମ୍ବୀ, ସ୍ୱାଭିମାନୀ, ସ୍ୱତନ୍ତ୍ର ଓ ସଶକ୍ତ ନାରୀର ବଳରେ ହିଁ ବିକଶିତ ଭାରତର ନିର୍ମାଣ କରାଯାଇପାରିବ । ସେ ଏଥିପାଇଁ ମହିଳାଙ୍କୁ ସହଯୋଗ କରିବାକୁ ପୁରୁଷଙ୍କୁ ଅପିଲ କରିଛନ୍ତି ।

ରାଷ୍ଟ୍ରପତି ନୂଆଦିଲ୍ଲୀର ବିଜ୍ଞାନ ଭବନରେ କେନ୍ଦ୍ରୀୟ ମହିଳା ଏବଂ ଶିଶୁବିକାଶ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ 'ନାରୀ ନେତୃତ୍ୱରୁ ବିକଶିତ ଭାରତ' ବିଷୟରେ ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ରାଷ୍ଟ୍ରପତି ଦେଶବାସୀଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଦେଇ କହିଛନ୍ତି ଯେ, ଏହି ଦିନ ମହିଳାମାନଙ୍କର ଉପଲବ୍ଧିକୁ ସମ୍ମାନ ଦେବା, ସେମାନଙ୍କର ଅଧିକାର ପ୍ରତି ସଚେତନତା ବଢ଼ାଇବା ଏବଂ ଲିଙ୍ଗ ସମାନତାକୁ ବୃଦ୍ଧି କରିବା ପାଇଁ ସ୍ୱୟଂକୁ ସମର୍ପିତ କରିବାର ଅବସର । ସେ କହିଛନ୍ତି ଯେ, 'ବିକଶିତ ଭାରତର ସଂକଳ୍ପ ଆମ ସମସ୍ତଙ୍କର ସଂକଳ୍ପ , ଯାହାକୁ ଆମେ ସମସ୍ତେ ମିଳିମିଶି ଏହାକୁ ପୂରଣ କରିବାକୁ ପଡ଼ିବ।'



ସେହିପାଇଁ ପୁରୁଷମାନେ ମହିଳାମାନଙ୍କୁ ସବଳ, ସଶକ୍ତ ଏବଂ ଆତ୍ମନିର୍ଭର ହେବାରେ ପ୍ରତିଟି ପଦକ୍ଷେପରେ ସହଯୋଗ କରିବା ଆବଶ୍ୟକ । ମହିଳାମାନେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ, ନିଷ୍ଠା ଏବଂ ଶ୍ରମ ସହିତ ତାଙ୍କର ଜୀବନରେ ଆଗକୁ ବଢ଼ିବା ଆବଶ୍ୟକ ଏବଂ ଦେଶ ଏବଂ ସମାଜର ବିକାଶରେ ତାଙ୍କର ଯୋଗଦାନ ଦେବା ଆବଶ୍ୟକ ।

ସେ କହିଛନ୍ତି ଯେ, 'ଆଜି ଆମେ ଅନ୍ତର୍ଜାତୀୟ ମହିଳା ଦିବସର ୫୦ ବର୍ଷ ପୂରା ହେବାର ଉତ୍ସବ ମନାଉଛୁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ସମୟ ମଧ୍ୟରେ ମହିଳା ସମୁଦାୟ ଅଭୁତପୂର୍ବ ଅଗ୍ରଗତି କରିଛି। ସେ କହିଛନ୍ତି ଯେ, ସେ ତାଙ୍କର ଜୀବନ ଯାତ୍ରାକୁ ଏହି ଅଗ୍ରଗତିର ଏକ ଅଂଶ ବୋଲି ମାନନ୍ତି। ଓଡ଼ିଶାର ଏକ ସାଧାରଣ ପରିବାର ଏବଂ ପଛୁଆ ଅଞ୍ଚଳରେ ଜନ୍ମ ନେଇ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ ତାଙ୍କର ଯାତ୍ରା ଭାରତୀୟ ସମାଜରେ ମହିଳାମାନଙ୍କ ପାଇଁ ସମାନ ସୁଯୋଗ ଏବଂ ସାମାଜିକ *(ପୃଷ୍ଠା ୭ରେ)*

## ଜୟଶଙ୍କରଙ୍କ ଆୟରଲ୍ୟାଣ୍ଡ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୂତ କରିବ



ନୂଆଦିଲ୍ଲୀ, ୮।୩

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କରଙ୍କ ସାମ୍ପ୍ରତିକ ଆୟରଲ୍ୟାଣ୍ଡ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୂତ କରିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ଶନିବାର କହିଛି। ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ ଆୟରଲ୍ୟାଣ୍ଡର ଉପପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ବ୍ୟାପାର, ବାଣିଜ୍ୟ ଏବଂ ପ୍ରତିରକ୍ଷା ସାଇମନ ହେରିସଙ୍କ ନିମନ୍ତ୍ରଣ କ୍ରମେ, ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ୬-୭ ମାର୍ଚ୍ଚ ପର୍ଯ୍ୟନ୍ତ ଆୟରଲ୍ୟାଣ୍ଡରେ ଏକ ସରକାରୀ ଗସ୍ତ କରିଥିଲେ। ଆୟରଲ୍ୟାଣ୍ଡରେ ନୂତନ ସରକାର ଗଠନ ହେବାର ପ୍ରଥମ ଦୁଇ ମାସ ମଧ୍ୟରେ ବୈଦେଶିକ ମନ୍ତ୍ରୀଙ୍କ ଗସ୍ତ, ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୂତ କରିବା ଏବଂ ନିରନ୍ତର ସହଯୋଗ ପ୍ରତି ପ୍ରତିବଦ୍ଧତାକୁ ଉଭୟ ପକ୍ଷର ପ୍ରାଥମିକତାକୁ ରେଖାଙ୍କିତ କରୁଛି।

ଏହି ଗସ୍ତ ସମୟରେ ବୈଦେଶିକ ମନ୍ତ୍ରୀ ଆୟରଲାଣ୍ଡ ରାଷ୍ଟ୍ରପତି ମାଇକେଲ ଡି ହିଂଗସ୍‌ଙ୍କୁ ଭେଟିଥିଲେ ଏବଂ ବୃଦ୍ଧି ପାଉଥିବା ଦ୍ୱିପାକ୍ଷିକ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଆଞ୍ଚଳିକ ଏବଂ ବିଶ୍ୱ ବିକାଶ ଉପରେ ମତ ଆଦାନପ୍ରଦାନ କରିଥିଲେ ବୋଲି ବିବୃତିରେ କୁହାଯାଇଛି।

## ଚୀନ-ପାକିସ୍ତାନକୁ ନେଇ ବଡ଼ ବୟାନ ଦେଲେ ସେନା ମୁଖ୍ୟ

ନୂଆଦିଲ୍ଲୀ, ୮।୩

ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ଚୀନ ଏବଂ ପାକିସ୍ତାନ ସମ୍ପର୍କକୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି ଚୀନ ଉପରେ ବିଶ୍ୱାସ କରାଯାଇପାରିବ ନାହିଁ। ସେହି ସମୟରେ ପାକିସ୍ତାନ ସମ୍ପର୍କକୁ ନେଇ ମଧ୍ୟ ଦ୍ୱିବେଦୀ କହିଛନ୍ତି, ଏହା ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ ପଦକ୍ଷେପ ନେଉନାହିଁ।

ଭାରତୀୟ ସେନା ଦ୍ରୁତ ଗତିରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରୁଛି ଏବଂ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଚୀନ ସହିତ ସମ୍ଭାବ୍ୟ ଯୁଦ୍ଧର ପରିସ୍ଥିତି ନେଇ ସେନା ମୁଖ୍ୟ



କହିଛନ୍ତି, ଭାରତୀୟ ସେନା ଡ୍ରୋନ ପ୍ରଯୁକ୍ତିବିଦ୍ୟା ସମେତ ନୂତନ ସାମରିକ କ୍ଷମତା ଉପରେ ନିରନ୍ତର କାମ କରୁଛି।

ସେ କହିଛନ୍ତି ଯେ, ଭାରତ ପାଖରେ ଏପରି ଉନ୍ନତ ଡ୍ରୋନ ଅଛି ଯାହା ଏକେ-୪୭ ଚଲାଇପାରିବ ଏବଂ କ୍ଷେପଣାସ୍ତ୍ର ନିକ୍ଷେପ କରିପାରିବ। ଯଦି ଚୀନ ପକ୍ଷରୁ ଡ୍ରୋନ ଆକ୍ରମଣ ହୁଏ, ତେବେ ଭାରତ ମଧ୍ୟ ସମାନ ଶକ୍ତି ସହିତ ଜବାବ ଦେବାକୁ ସମ୍ପୂର୍ଣ୍ଣ ସକ୍ଷମ। ସେହି ସମୟରେ ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଚୀନକୁ ବିଶ୍ୱାସ କରାଯାଇପାରିବ ନାହିଁ। ଯଦିଓ ଯୁଦ୍ଧ କୌଣସି ଦେଶର ସ୍ୱାର୍ଥରେ ନୁହେଁ, କିନ୍ତୁ ଆବଶ୍ୟକ ପଡ଼ିଲେ, ଭାରତୀୟ ସେନା ପୂର୍ଣ୍ଣ ପ୍ରସ୍ତୁତିର ସହିତ ଜବାବ ଦେବାକୁ ସକ୍ଷମ

୨୦୨୦ରେ ପୂର୍ବ ଲଦାଖର ଡେପସାଙ୍ଗ ଏବଂ ଡେମଚୋକ ଅଞ୍ଚଳରେ ଭାରତୀୟ ଏବଂ ଚୀନା ସୈନିକଙ୍କ ମଧ୍ୟରେ ସଂଘର୍ଷ ପରେ ପରିସ୍ଥିତି ଉପରେ ସେନା ମୁଖ୍ୟ କହିଥିଲେ ଯେ ପରିସ୍ଥିତି ଏବେ ସ୍ୱାଭାବିକ। ଯେତେବେଳେ *(ପୃଷ୍ଠା ୭ରେ)*

## ହୀରାକୁଦ ଡ୍ୟାମରେ ହେବ ଅତିରିକ୍ତ ସ୍ପିଲ ୱେ ନିର୍ମାଣ : ଅନୁଧ୍ୟାନ କଲେ ୯ ଜଣିଆ ଟିମ୍

ସମ୍ବଲପୁର, ୮।୩
ନ୍ୟୁଜ୍ ବ୍ୟୁରୋ

ହୀରାକୁଦରେ ପ୍ରସ୍ତାବିତ ନୂଆ ଅତିରିକ୍ତ ସ୍ପିଲ ୱେର ନିର୍ମାଣ ପ୍ରସଙ୍ଗ କ୍ଷେତ୍ର ପରିଦର୍ଶନ ପାଇଁ ହୀରାକୁଦରେ କେନ୍ଦ୍ରୀୟ ଜଳ ଆୟୋଗ ଓ ବିଶ୍ୱ ବ୍ୟାଙ୍କ ପ୍ରତିନିଧି ଡ୍ୟାମ ଫାଉଣ୍ଡେସନ ଗ୍ୟାଲେରୀ, ସ୍ଲୁଇସ ଗେଟ ଅପରେସନ ପାୱାର ଚ୍ୟାନେଲ ବୁଲି ଦେଖିଛନ୍ତି ୯ ଜଣିଆ ଟିମ୍। ଖୁବ ଶୀଘ୍ର କାମ ଆରମ୍ଭ ହେବା ନେଇ ସୂଚନା ଦେଇଛନ୍ତି ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ସୁଶୀଲ ବେହେରା।

ଏଥିପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୯୦ କୋଟି, ୨୦୨୬-୨୭ରେ ୨୦୦ କୋଟି, ୨୦୨୭-୨୮ରେ ୨୨୪ କୋଟି, ୨୦୨୮-୨୯ରେ *(ପୃଷ୍ଠା ୭ରେ)*



## କୋଟି କୋଟି ମା' ଭଉଣୀଙ୍କ ଆଶୀର୍ବାଦ ମୋ ଉପରେ ରହିଛି

ନୂଆଦିଲ୍ଲୀ, ୮।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗୁଜୁରାଟର ନବସାରୀ ଜିଲ୍ଲାରେ ଆୟୋଜିତ 'ଲକ୍ଷପତି ଦିଦି' ସମ୍ମିଳନୀରେ ଯୋଗଦେଇ ନିଜ ଉଦବୋଧନରେ କହିଛନ୍ତି ଯେ, ମୁଁ ବିଶ୍ୱର ସବୁଠୁ ଧନବାନ୍ ବ୍ୟକ୍ତି, କାରଣ କୋଟି କୋଟି ମା' ଭଉଣୀଙ୍କ ଆଶୀର୍ବାଦ ମୋ ଉପରେ ରହିଛି । ଯେତେବେଳେ ମୁଁ କହୁଛି ଯେ, ମୁଁ ବିଶ୍ୱର ସବୁଠୁ ଧନବାନ୍ ବ୍ୟକ୍ତି, ସେତେବେଳେ କେତେକ ଲୋକଙ୍କ କାନ ଛିଡା ହୋଇଯିବ । ଆଜି ସାରା ଟ୍ରୋଲ୍ ସେନା ମଇଦାନରେ ଅବତୀର୍ଣ୍ଣ ହୋଇପଡିବ । କିନ୍ତୁ



ମୁଁ ପୁଣି ଦୋହରାଇବି ଯେ, ମୁଁ ବିଶ୍ୱର ସବୁଠୁ ଧନବାନ୍ ବ୍ୟକ୍ତି । ମୋ ଜୀବନର ଆକାଉଣ୍ଟରେ କୋଟି କୋଟି ମାଆ, ଭଉଣୀଙ୍କ ଆଶୀର୍ବାଦ ରହିଛି ଏବଂ ଏହି ଆଶୀର୍ବାଦ ନିରନ୍ତର ବଢି ଚାଲିଛି । ଏଥିପାଇଁ ମୁଁ କହୁଛି ଯେ, ମୁଁ ବିଶ୍ୱର ସବୁଠୁ ଧନବାନ୍ ବ୍ୟକ୍ତି ।

## ଖରିଫ ଋତୁରେ ୧୫.୬୫ ଲକ୍ଷ ଚାଷୀଙ୍କଠାରୁ ୭୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ

ଭୁବନେଶ୍ୱର, ୮।୩
ନ୍ୟୁଜ୍ ବ୍ୟୁରୋ

ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଲୋକସେବା ଭବନରେ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ଏବଂ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ।

ଏହି ବୈଠକରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ଏବଂ ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଶୁଭମ ସକ୍ସେନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ପ୍ରାରମ୍ଭରେ ପ୍ରମୁଖ ସଚିବ ଶ୍ରୀ ସିଂହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ।



ରାଜ୍ୟରେ ଚଳିତ ଖରିଫ ଋତୁରେ ଏପର୍ଯ୍ୟନ୍ତ ପ୍ରାୟ ୧୫.୬୫ ଲକ୍ଷ ଚାଷୀଙ୍କଠାରୁ ୭୦ ଲକ୍ଷ ମେଟ୍ରିକ ଟନ (ଏଲଏମଟି) ଧାନ ସଂଗ୍ରହ କରାଯାଇଛି ଏବଂ ପ୍ରାୟ ୧୫,୬୧୩ କୋଟି ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ଏମଏସପି ଭାବରେ ଏବଂ ୫୪୩୦ କୋଟି ଟଙ୍କା ଇନପୁଟ ସହାୟତା ଭାବରେ ସ୍ଥାନାନ୍ତର କରାଯାଇଛି । *(ପୃଷ୍ଠା ୭ରେ)*

## ବିଜେପି ସରକାରରେ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଦ୍ୱିଗୁଣିତ ହୋଇଛି: ପ୍ରଭାତୀ ପରିଡ଼ା

ଭୁବନେଶ୍ୱର, ୮।୩
ନ୍ୟୁଜ୍ ବ୍ୟୁରୋ

ଭାରତୀୟ ଜନତା ପାର୍ଟି ମହିଳାମାନଙ୍କ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ଦଳରେ କାର୍ଯ୍ୟ କରିଥିବା ନାରୀ ନେତ୍ରୀମାନେ ଦେଶର ରାଷ୍ଟ୍ରପତି, ଅର୍ଥମନ୍ତ୍ରୀ,ବାଚସ୍ପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି। ବିଜେପି ଶାସନରେ ଆଜିର ମହିଳା ଉନ୍ନତି ପଥରେ ଅଗ୍ରସର ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସରେ ଉପମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ଓଡ଼ିଶାର ବିକାଶ କରିବା ପାଇଁ ରାଜ୍ୟର ମହିଳାମାନେ ଏଥର ଭାରତୀୟ *(ପୃଷ୍ଠା ୭ରେ)*

## ଏକାଳ ପଖାଳ




ପଚିଶି ବରଷ ପରେ ଭେଟାଭେଟି
ଖେଳପ୍ରେମୀ ଉତ୍ସାହିତ
ନ୍ୟୁଜିଲାଣ୍ଡକୁ ଭେଟିବ ଭାରତ
ମାରିପାରିବ କି ନାତ ?
ସପନ ହେବକି ସତ
ରୋହିତବାହିନୀ ବ୍ଲାକ୍ କ୍ୟାପଙ୍କ
ଉଡେଇ ଦେବକି ଛାତ ? ?

## ଦିଲ୍ଲୀ-ଏନ୍‌ସିଆରରେ ବ୍ୟାପୁଛି ନୂଆ ଭୂତାଣୁ ସଂକ୍ରମଣ



ନୂଆଦିଲ୍ଲୀ, ୮।୩

ଦିଲ୍ଲୀ-ଏନସିଆରରେ ଆଜିକାଲି ଏକ ଭାଇରାଲ ଫ୍ଲୁ ବ୍ୟାପୁଥିବାର ଜଣାପଡିଛି, ଯାହା ଏବେ ଚିନ୍ତାଜନକ ପରିସ୍ଥିତିରେ ପହଞ୍ଚିଛି। ଏହି ଫ୍ଲୁ ଗତବର୍ଷ ଅଗଷ୍ଟ ମାସରେ ସାମ୍ନାକୁ ଆସିଥିଲା। ସେତେବେଳେ ଏହା ଏତେ ବିପଦଜ୍ଜନକ ମନେ ହୋଇନଥିଲା, ହେଲେ ଏବେ ଏହା ଲୋକଙ୍କୁ ଦ୍ରୁତ ସଂକ୍ରମିତ କରୁଛି। ଏହି ଭାଇରାଲ ଇନଫେକ୍ସନ ମାମଲା ଦିଲ୍ଲୀ-ଏନସିଆରର ୫୪% ଘରେ ରହିଛି। ସ୍ଥାନୀୟ ହସ୍ପିଟାଲ ଡାକ୍ତରମାନେ ଏହା ସାମାନ୍ୟ ଭାଇରସ ଠାରୁ ଟିକେ ଅଧିକ ବିପଦପୂର୍ଣ୍ଣ ବୋଲି କହୁଛନ୍ତି ।

ସ୍ଥାନୀୟ ହସ୍ପିଟାଲ ଡାକ୍ତରଙ୍କ ସୂଚନା ଅନୁସାରେ କୋଭିଡ ଏକ ବ୍ୟାପୁଥିବା ଭୂତାଣୁ ଥିଲା, ଯାହାର ତଥ୍ୟ ସାରା ବିଶ୍ୱର ଲୋକଙ୍କୁ ଚମକାଉଥିଲା। ଦିଲ୍ଲୀ ଓ ଆଖପାଖର ଲୋକଙ୍କ ମଧ୍ୟରେ ଏହି ଭାଇରାସ ଏବେ ଦ୍ରୁତ ବେଗରେ ବ୍ୟାପୁଛି । ଏହାର ଲକ୍ଷଣ ମଧ୍ୟ କୋଭିଡ ଭଳି, ଯେଉଁଥିରେ କାଶ, ଜ୍ୱର, ତଣ୍ଟିଦରଜ ନିଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେଉଛି । ଏହି ଭୂତାଣୁ ଦ୍ୱାରା ପାଖାପାଖି ୧୩ ହଜାରରୁ ଅଧିକ ଲୋକେ ଏ ପର୍ଯ୍ୟନ୍ତ ସଂକ୍ରମିତ ହେଲେଣି । ଯେଉଁଥି ପାଇଁ ଏବେ ସାବଧାନତା ଅବଲମ୍ବନ କରାଯାଉଛି ।

ସଂକ୍ରମିତଙ୍କ ମଧ୍ୟରୁ ୬୩ ପ୍ରତିଶତ ପୁରୁଷ ହୋଇଥିବା ବେଳେ ୩୭ ପ୍ରତିଶତ ମହିଳା ଅଛନ୍ତି । ଏହି ଭୂତାଣୁ ଯୋଗୁ ୯ ପ୍ରତିଶତ ଲୋକଙ୍କ *(ପୃଷ୍ଠା ୭ରେ)*

## ମାର୍ଚ୍ଚରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ




ଭୁବନେଶ୍ୱର, ୮।୩
ନ୍ୟୁଜ୍ ବ୍ୟୁରୋ

ମାର୍ଚ୍ଚ ୯ ତାରିଖ ଠାରୁ ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଆଇଏମଡି ପୂର୍ବାନୁମାନ କରିଛି । ଆଗାମୀ ଦିନରେ କିଛି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଛୁଇଁବ ବୋଲି ମଧ୍ୟ ଆଇଏମଡିର ଆଞ୍ଚଳିକ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ ବିଶେଷଜ୍ଞମାନେ ଏହା ମଧ୍ୟ ସତର୍କ କରାଇ ଦେଇଛନ୍ତି ଯେ, ଆଗାମୀ ୨ ସପ୍ତାହ ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି।

ପଶ୍ଚିମା ବାୟୁ ଉତ୍ତର ପଶ୍ଚିମ ଦିଗରେ ପ୍ରବାହିତ ହେବ ଏବଂ ଫଳସ୍ୱରୂପ ରାଜ୍ୟରେ ଥଣ୍ଡା ଲହରୀ ହ୍ରାସ ପାଇବ। ତାପମାତ୍ରା ବୃଦ୍ଧି ପାଇବ ଏବଂ ଓଡ଼ିଶାରେ ପ୍ରବଳ ଗରମ ହେବ।

ଆଗାମୀ ଦିନରେ ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଓଡ଼ିଶାର ମଧ୍ୟ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୯ ମାର୍ଚ୍ଚ, ରବିବାର ୨୦୨୫





# ବନ୍ୟା ସୁରକ୍ଷା, ଗ୍ରାମିଣ ସଂଯୋଗୀକରଣ, ଜଳସେଚନ ପାଇଁ ୧୧୩.୪୭କୋଟି ମଞ୍ଜୁର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ନାବାର୍ଡ ପକ୍ଷରୁ ସଂସ୍କୃତି ଭବନ, କେନ୍ଦ୍ରାପଡ଼ାଠାରେ କ୍ରେଡିଟ୍ ଆଉଟରିଚ୍ କାର୍ଯ୍ୟକ୍ରମ ଏବଂ ଆର୍ଥିକ ସାକ୍ଷରତା ମେଗା ଶିବିର ଅନୁଷ୍ଠିତ ହୋଇଛି । ଏହି ଅବସରରେ କେନ୍ଦ୍ରପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଛନ୍ତି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ସିଜିଏମ୍, ନାବାର୍ଡ, ସଞ୍ଜୟ କେ ତାଲୁକଦାର, ଅଧକ୍ଷ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରିଷି ସିଂହ ଏହି ଅବସରରେ ବିଶେଷ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ କଟକ ସିସିବି ଲିମିଟେଡ୍, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଏବଂ ନବକିଷାନ ଦ୍ୱାରା କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ମୋଟ ୨୮.୮୪ କୋଟି ଟଙ୍କା ମଞ୍ଜୁର କରାଯାଇଛି । କେସିସି ସାଚୁରେସନ୍ ଅଭିଯାନ ଅଧୀନରେ ଜିଲ୍ଲାର ୬୪୭ ଜଣ ଋଣଗ୍ରହୀତାଙ୍କୁ ଅନ୍ତର୍ଭୁକ୍ତ କରି ୩.୮୨ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହା ବ୍ୟତୀତ ବ୍ୟାଙ୍କଗୁଡ଼ିକ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ର ଅଧୀନରେ ୧.୮୫ କୋଟି ଟଙ୍କାର ଏଟିଏଲ (କୃଷି ମିଆଦୀ ଋଣ) ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ, କେନ୍ଦ୍ରାପଡ଼ା ତରଫରୁ ଜଣେ ହିତାଧିକାରୀଙ୍କୁ ୨.୩ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି ଓ ମୁଖ୍ୟ ଅତିଥି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ କେନ୍ଦ୍ରାପଡ଼ା ଜିଲ୍ଲାରେ ଇ-କେସିସି ଆରମ୍ଭ କରିଥିଲେ । ଏହି ଅବସରରେ, ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଓଡ଼ିଶା ସରକାରଙ୍କୁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଅଧୀନରେ ବନ୍ୟା ସୁରକ୍ଷା, ଗ୍ରାମୀଣ ସଂଯୋଗୀକରଣ ଏବଂ ଜଳସେଚନ ପାଇଁ ୧୧୩.୪୭କୋଟି ଟଙ୍କା ମଞ୍ଜୁର ଘୋଷଣା କରିଛି । ଏହା ବ୍ୟତୀତ, ନାବାର୍ଡ ଓଡ଼ିଶା ଜୀବିକା ମିଶନ (ଓଏଲଏମ୍), କେନ୍ଦ୍ରାପଡ଼ାକୁ ନାବାର୍ଡର ମାଇକ୍ରୋ ଏଣ୍ଟରପ୍ରିନିୟରସିପ୍ ଡେଭଲପମେଣ୍ଟ ପ୍ରୋଗ୍ରାମ ଅଧୀନରେ ୭.୫ ଲକ୍ଷ ଟଙ୍କା ମଞ୍ଜୁର କରିଛି । ଏକ ମେଗା ସାକ୍ଷରତା ଶିବିର ଆୟୋଜନ କରାଯାଇଥିଲା ଯେଉଁଥିରେ ଭାରତ ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା, ସାଇବର ଠକେଇ ଇତ୍ୟାଦି ଉପରେ ଆର୍ଥିକ ସଚେତନତା ସୃଷ୍ଟି କରାଯାଇଥିଲା । ନାବାର୍ଡ ଓଡ଼ିଶା ଆରଓ ୨୦୨୪-୨୫ ମଧ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଗ୍ରାମସ୍ତରୀୟ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଓଜିବିକୁ ୩.୫୨ଲକ୍ଷ ଟଙ୍କା ଅନୁଦାନ ସହାୟତା ମଞ୍ଜୁର କରିଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କର ମାନ୍ୟଗଣ୍ୟ ବ୍ୟକ୍ତି, ଓଡ଼ିଶା ଆରଓ, ଡିଡିଏମ୍, ନାବାର୍ଡ, ଏଲଡିଏମ୍, ବରିଷ୍ଠ ଅଧିକାରୀ, ବ୍ୟାଙ୍କର ପ୍ରତିନିଧି, ସିଏଫଏଲ (ଆର୍ଥିକ ସାକ୍ଷରତା କେନ୍ଦ୍ର) ସଂଯୋଜକ, ନାବାର୍ଡର ଚ୍ୟାନେଲ ପାର୍ଟନର ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦୦ରୁ ଅଧିକ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଯୋଗ ଦେଇଥିଲେ ।

# ଏମ୍‌କେସିଜି ରକ୍ତ ଭଣ୍ଡାର : ନର୍ସ, ଏଲ୍‌ଟି ନୁହେଁ, ରକ୍ତ ସଂଗ୍ରହ କରୁଛନ୍ତି ଆଟେଣ୍ଡାଣ୍ଟ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**




ନୀତି ନିୟମ ଭୁଲିଯାଉଛି ଏମ୍‌କେସିଜି ରକ୍ତ ଭଣ୍ଡାର । ମେରି ମର୍ଜିରେ ଚାଲିଛି ଏଠାକାର କାର୍ଯ୍ୟ-କଳାପ । ଯାହାକୁ ନେଇ ସ୍ୱେଚ୍ଛାସେବୀ, ରକ୍ତଦାନ ଓ ସାଧାରଣରେ ଅସନ୍ତୋଷ ଥମିବାରେ ନା ନେଉନି । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାରଣକୁ ନେଇ ଏମ୍‌କେସିଜି ମେଡ଼ିକାଲ୍ ରକ୍ତ ଭଣ୍ଡାର ସବୁବେଳେ ଚର୍ଚ୍ଚାରେ ରହୁଥିବା ବେଳେ ଏବେ ରକ୍ତଦାତାଙ୍କ ଠାରୁ ଆଟେଣ୍ଡାଣ୍ଟ ରକ୍ତ ସଂଗ୍ରହ କରିବାକୁ ନେଇ ସାଧାରଣରେ ସମାଲୋଚନା ହେଉଛି । କାହିଁକି ଓ କେଉଁ ପରିସ୍ଥିତିରେ ରକ୍ତ ଭଣ୍ଡାରରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ ଆଟେଡ଼ାଣ୍ଟ ଜଣଙ୍କ ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲା । ଏନେଇ ଉକ୍ତ ଆଟେଡ଼ାଣ୍ଟ ଜଣଙ୍କୁ କିଏ ନିର୍ଦ୍ଦେଶ ଦେଇଥିଲେ, ସେହି ସମୟ କାର୍ଯ୍ୟରତ ନର୍ସିଂ ଅଫିସର ଜଣଙ୍କ ଉପସ୍ଥିତ ଥିଲେ ନା ନାହିଁ, ଏଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବାର ଆବଶ୍ୟକ ରହିଥିବା ବୁଦ୍ଧିଜୀବୀ କହିଛନ୍ତି । ଏମ୍‌କେସିଜି ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଥିବା ବିଭିନ୍ନ ବିଭାଗର ରୋଗୀଙ୍କ ସହ ନିୟମିତ ରକ୍ତ ଗ୍ରହଣ କରୁଥିବା ଥାଲାସୋମିଆ ଓ ସିକଲସେଲ୍ ରୋଗୀମାନେ ଏହି ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଛନ୍ତି । ତେବେ ସ୍ୱେଚ୍ଛାସେବୀଙ୍କ ଠାରୁ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ରୁକ୍ତ ପ୍ରଦାନ କରିବା ହେଉଛି ରକ୍ତ ଭଣ୍ଡାରର ପ୍ରାଥମିକତା ରହିଛି । ଉକ୍ତ କାର୍ଯ୍ୟ ସଠିକ୍ ଭାବେ ସମ୍ପାଦନ କରିବାକୁ ନେଇ ରକ୍ତ ଭଣ୍ଡାରରେ ଡ଼ାକ୍ତର ଠାରୁ ଆରମ୍ଭ କରି ସଫେଇ କର୍ମୀଙ୍କୁ ନିଯୁକ୍ତି ଦିଆଯାଇଛି । ତେବେ ସମସ୍ତ କର୍ମଚାରୀଙ୍କ ବିଭିନ୍ନ ବିଭିନ୍ନ କାର୍ଯ୍ୟ ରହିଛି । ରକ୍ତ ଭଣ୍ଡାରରେ କାର୍ଯ୍ୟରତ ନର୍ସିଂ ଅଫିସର କିମ୍ବା ଏଲଟି ରକ୍ତଦାତା ବା ସ୍ୱେଚ୍ଛାସେବୀଙ୍କ ଠାରୁ ରକ୍ତ ସଂଗ୍ରହ କରିବା ନିୟମ ରହିଛି । କିନ୍ତୁ ଉକ୍ତ କର୍ମଚାରୀଙ୍କ ବଦଳରେ ରକ୍ତଦାତାଙ୍କ ଠାରୁ ଜଣେ ଆଟେଡ଼ାଣ୍ଟ ରକ୍ତ ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି । ରକ୍ତ ଭଣ୍ଡାର ଡାକ୍ତର, କର୍ମଚାରୀ ସତେ ରୋଗୀଙ୍କୁ ସହଯୋଗ ଏବଂ ସେବା ପ୍ରଦାନ ନିମନ୍ତେ ଆଟେଡ଼ାଣ୍ଟମାନଙ୍କୁ ନିଯୁକ୍ତି କରାଯାଇଥିବା ବେଳେ ଏମ୍‌କେସିଜି ମେଡ଼ିକାଲ ରକ୍ତ ଭଣ୍ଡାରରେ ଏହି ନିୟମର ବ୍ୟତିକ୍ରମ ହୋଇଥିବା ଦେଖିବାକୁ ମିଳିଛି । ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ ନେଇ ଉକ୍ତ ଆଟେଣ୍ଡାଣ୍ଟ ଜଣଙ୍କ ତାଲିମ୍ ନେଇନଥିବା ବେଳେ କାହାର ନିର୍ଦ୍ଦେଶରେ ରକ୍ତ ସଂଗ୍ରହ କରିଥିଲେ ତାହାକୁ ନେଇ ଏବେ ପ୍ରଶ୍ନ ଘେରରେ ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ । ଏହି ସମୟରେ ଯଦି ରକ୍ତ ଦାତାଙ୍କ କିଛି ସମସ୍ୟା ହୋଇଥାନ୍ତା, ତେବେ ଏଥିପାଇଁ କିଏ ଦାୟୀ ହୋଇଥାନ୍ତା । ସେ ନେଇ ବଡ଼ ପ୍ରଶ୍ନ ଉଠିଛି । ରକ୍ତ ଭଣ୍ଡାରରେ କାର୍ଯ୍ୟରତ ଡାକ୍ତରଙ୍କ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କର୍ମଚାରୀମାନଙ୍କ ମଧ୍ୟ ବହୁ କର୍ମଚାରୀ ସଠିକ୍ ସମୟରେ କାର୍ଯ୍ୟରେ ଯୋଗ ଦେଉନଥିବା ବିଭିନ୍ନ ସମୟରେ ରୋଗୀ ରକ୍ତ ନିମନ୍ତେ ବହୁ ସମସ୍ୟାର ସମ୍ମୁଖୀନ କରୁଥିବା ଅଭିଯୋଗ ହୋଇଛି । ରକ୍ତ ଭଣ୍ଡାର ପରିଚାଳନା ନିମନ୍ତେ ଯେଉଁ ସଂଖ୍ୟକ କର୍ମଚାରୀ ଆବଶ୍ୟକତା ରହୁଛି । ତା'ଠାରୁ କର୍ମ କର୍ମଚାରୀ ଏଠାରେ କାର୍ଯ୍ୟ କରୁଥିବାରୁ ବିଭିନ୍ନ ସମୟରେ ଏଭଳି ସମସ୍ୟା ଦେଖିବାକୁ ମିଳିଥାଏ । ଏନେଇ ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡା. ରଶ୍ମିତା ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାହିଁକି ଅଟେଡ଼ାଣ୍ଟ ଜଣଙ୍କ ରକ୍ତ ଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲା । ଏହି ସମୟରେ ସେଠାରେ ନର୍ସିଂ ଅଫିସର ଜଣଙ୍କ ଉପସ୍ଥିତ ଥିଲେ ନ ନାହିଁ ସେ ନେଇ ପଚରାଉଚରା କରାଯିବ ବୋଲି କହିଛନ୍ତି ।

# ବିଦ୍ୟାଳୟଗୁଡ଼ିକୁ ନିଜସ୍ୱ ଜମିପଟା ପ୍ରଦାନ ନିମନ୍ତେ ତହସିଲଦାରଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ ପରାମର୍ଶ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାର ରାଜସ୍ୱ କାର୍ଯ୍ୟାନ୍ୱୟନର ସ୍ଥିତି ଓ ଅଗ୍ରଗତିର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ଅନ୍ୟା ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ମନ୍ତ୍ରୀ ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକ ନାମରେ ଜମି ପଟ୍ଟା କରାଇବା ଉପରେ ତହସିଲଦାରଙ୍କୁ ପଚାରି ବୁଝିଥିଲେ ଏବଂ ଆବଶ୍ୟକ ପଟ୍ଟା ପ୍ରଦାନ କରିବାକୁ ପଦକ୍ଷେପ ନେବା ସହିତ ଆସନ୍ତା ଦୁଇ ମାସ ମଧ୍ୟରେ ସମସ୍ତ ତହସିଲଦାର ଶତ ପ୍ରତିଶତ ପଟ୍ଟା ପ୍ରଦାନକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୁନଶ୍ଚ କୌଣସି ସ୍କୁଲ କିମ୍ବା କଲେଜ ପାଖରେ ସରକାରୀ ଜମି ରହିଥିଲେ ସେହି ଜମିକୁ ସ୍କୁଲ ନିମନ୍ତେ ଖେଳପଡ଼ିଆ କିମ୍ବା ଅନ୍ୟାନ୍ୟ ବ୍ୟବହାର ପାଇଁ ପ୍ରଦାନ କରିବାକୁ ତହସିଲଦାର ପ୍ରମୁଖ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିଲେ । ଜନସାଧାରଣଙ୍କୁ ଧାର୍ଯ୍ୟ ସୀମା ମଧ୍ୟରେ ରାଜସ୍ୱ ସଂକ୍ରାନ୍ତୀୟ କାର୍ଯ୍ୟର ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇ ତହସିଲ ଅଫିସରେ ଯେପରି କୌଣସି ଲୋକ ହଇରାଣ ହରକତ ନହୁଅନ୍ତି ସେଥି ନିମନ୍ତେ ସମସ୍ତ ରାଜସ୍ୱ ଅଧିକାରୀ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି । ତହସିଲଦାର ଓ ଅନ୍ୟାନ୍ୟ ରାଜସ୍ୱ କର୍ମଚାରୀ ସ୍ୱତଃ ନିଜ ପକ୍ଷରୁ ବିଭିନ୍ନ ଗ୍ରାମ ଗସ୍ତ ପୂର୍ବକ ଜନସାଧାରଣଙ୍କ ରାଜସ୍ୱ ସମସ୍ୟାର ସମାଧାନ ସହିତ ଭୂମିହୀନ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ବସୁନ୍ଧରା ଯୋଜନା ପାଇଁ ଜମି ଯୋଗାଇବା ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ରାଜସ୍ୱ ଯୋଜନା ତଥା ରାଜସ୍ୱ କାର୍ଯ୍ୟର ସଫଳତାକୁ ନିଶ୍ଚିତ ଓ ବ୍ୟବସ୍ଥିତ କରିବା ନିମନ୍ତେ ସମସ୍ତ ତହସିଲଦାର ନିଜ ନିଜ ତହସିଲ ଏରିଆରେ ରହିଥିବା ବିଭିନ୍ନ କିସମର ଜମି, ବିଭିନ୍ନ ଯୋଜନା ନିମନ୍ତେ ହିତାଧିକାରୀ ପ୍ରଭୃତିର ଆବଶ୍ୟକ ପୂର୍ଣ୍ଣାଙ୍ଗ ଡାଟା ବେସ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୁନଶ୍ଚ ଯେଉଁ ଲାଭାର୍ଥୀ ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କରି ରହୁଛନ୍ତି ସେମାନଙ୍କ ଜମି ପଟ୍ଟାକୁ ନିଶ୍ଚିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଭାଗକୁ ଲୋକାଭିମୁଖୀ କରିବାକୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅଧିକାରୀ ଯତ୍ନବାନ ହୋଇ ସାଧାରଣ ଲୋକଙ୍କୁ ଗୁରୁତ୍ୱ ଦେବା ସହ ଲୋକାଭିମୁଖୀ ଯୋଜନାଗୁଡ଼ିକ ପ୍ରଣୟନ ନିମନ୍ତେ ଦାୟିତ୍ୱବାନ ହେବାକୁ କହିଥିଲେ । ଜିଲ୍ଲାର ଅଧିକ ରାଜସ୍ୱ ଗ୍ରାମ ହେଲେ ସାଧାରଣ ଲୋକ ଗରିବୀ କଲ୍ୟାଣ ଯୋଜନାର ଅଧିକ ମାତ୍ରାରେ ଲାଭ ପାଇପାରିବେ ଏଣୁ ବିଧି ମୁତାବକ ମାର୍ଚ୍ଚ ୩୧ ସୁଦ୍ଧା ଜିଲ୍ଲାରେ ନୂତନ ରାଜସ୍ୱ ଗ୍ରାମ ଗଠନ ପ୍ରସ୍ତାବ ସରକାରଙ୍କ ସମ୍ପୃକ୍ତ ବିଭାଗକୁ ପଠାଇବାକୁ ପରାମର୍ଶ ପ୍ରଦାନ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ଶିଳ୍ପ ବିହୀନଜିଲ୍ଲା ହୋଇଥିବା ବେଳେ ଜିଲ୍ଲାର ବିକାଶ ତଥା ସ୍ୱରୋଜଗାର ବୃଦ୍ଧି ନିମନ୍ତେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାର ଯୁବକ ଯୁବତୀଙ୍କୁ ରୋଜଗାରକ୍ଷମ କରିବାକୁ ଆବଶ୍ୟକ ଏମଏସଏମଇ ତାଲିମ ପ୍ରଦାନ ଉପରେ ମଧ୍ୟ ସେ କହିଥିଲେ । ମ୍ୟୁଟେସନ କେସ୍ ଗୁଡ଼ିକ ଯଥାଶୀଘ୍ର ସହମ୍ମତି ଭିତ୍ତିରେ ସମାଧାନ କରିବାକୁ କହିବା ସହ ସରକାରୀ ଜମି ଜବରଦଖଲ ହଟାଇବା ସହିତ ତାର ସୁରକ୍ଷା ପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜାତି ପ୍ରମାଣପତ୍ର ତଥା ଅନ୍ୟାନ୍ୟ ପ୍ରମାଣପତ୍ରକୁ ସମୟ ଅବଧିରେ ପ୍ରଦାନ କରିବା ବିଷୟରେ ଆଲୋଚନା ହୋଇଥିଲା । ଅସାଧୁ ଉପାୟରେ ଆଦିବାସୀ ଜମି ହଡପ କରୁଥିବା ଲୋକଙ୍କ ପ୍ରତି ବିଶେଷ ସତର୍କ ରହିବାକୁ ରାଜସ୍ୱ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ପୁନଶ୍ଚ ସରକାରୀ କାର୍ଯ୍ୟ ନିମନ୍ତେ ଆବଶ୍ୟକ ଜମି, ମଣ୍ଡି ସ୍ଥାପନ ପାଇଁ ଆବଶ୍ୟକ ଜମି, ଜଳସେଚନ ନିମନ୍ତେ ଆବଶ୍ୟକ ଜମି ପ୍ରଭୃତି ନିମନ୍ତେ ରହିଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ସହ ପଟ୍ଟା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଉଲ୍ଲେଖ କରିଥିଲେ । ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ଜିଲ୍ଲାପାଳ ଅନ୍ୟା ଦାସ, ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟାରୁପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଆସିଷ୍ଟାଣ୍ଟ କଲେକ୍ଟର (ରାଜସ୍ୱ) ସତ୍ୟବ୍ରତ ସାହୁ, ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ରାଜସ୍ୱ ସୁପରଭାଇଜର ପ୍ରମୁଖ ଉପସ୍ଥିତ ରହିଥିଲେ । ମନ୍ତ୍ରୀ ରାଜସ୍ୱ ବିଭାଗ କାର୍ଯ୍ୟର ପ୍ରଶଂସା କରି ଆଗକୁ ଆହୁରି ଭଲ କରିବାକୁ କହି ସୋନପୁରକୁ ସୁବର୍ଣ୍ଣପୁରରେ ପରିଣତ କରିବାକୁ ଉପସ୍ଥିତ ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତି ତଥା ବରିଷ୍ଠ ଅଧିକାରୀ, ରାଜସ୍ୱ ଅଧିକାରୀ ପ୍ରମୁଖ ଦାୟିତ୍ୱ ସମ୍ପନ୍ନ ପୂର୍ବକ ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ଆହ୍ୱାନ କରିଛନ୍ତି ।



# କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ରସାୟନ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ପ୍ରସ୍ତୁତି ଅଭ୍ୟାସ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଆପଦା ପରିଚାଳନା କେନ୍ଦ୍ର ଦ୍ୱାରା ଜଗତପୁର ସ୍ଥିତ ସୁଭୋକେମ ଆଗ୍ରୋ କେମିକାଲ ଇଣ୍ଡଷ୍ଟ୍ରିଜ ଏବଂ ସିଡିଏ ସ୍ଥିତ ବର୍ଜ୍ୟଜଳ ବିଶୋଧନା ଗାର ଠାରେ ରସାୟନ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ପ୍ରସ୍ତୁତି ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ସମୟରେ ବିଶେଷ କରି ରାସାୟନିକ ଜନିତ ଆକସ୍ମିକ ଦୁର୍ଘଟଣା ସମୟରେ ଜରୁରୀ କାଳୀନ ପରିସ୍ଥିତିରେ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ସଂଗଠିତ ହୋଇ ଦ୍ରୁତ ସେବା କାର୍ଯ୍ୟ କରାଯିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଅଭ୍ୟାସ ପୂର୍ବକ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ରାସାୟନିକ ଦୁର୍ଘଟଣା ଭଳି ଜରୁରୀକାଳୀନ ପରିସ୍ଥିତିରେ ଘଟଣା ସ୍ଥଳରେ ସମସ୍ତ ଆୟତ ବ୍ୟବସ୍ଥା ସହ ଉଦ୍ଧାର କାର୍ଯ୍ୟ ଓ ସ୍ଥାନାନ୍ତର ବ୍ୟବସ୍ଥା ଏବଂ ଆଶୁ ଚିକିତ୍ସା ଆଦି କାର୍ଯ୍ୟକୁ ବାସ୍ତବରେ କିପରି କରାଯାଇପାରିବ ତାହାର ଏକ ରୂପରେଖ ପ୍ରସ୍ତୁତି କରାଯାଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶାଯାଇଛି । କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପୋରକ୍ତ ଦୁଇଟି ସ୍ଥାନରେ ପ୍ରସ୍ତୁତି ଅଭ୍ୟାସ ପୂର୍ବକ ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱ□ାବଧାନରେ ଅନୁଷ୍ଠିତ ହୋଇଯାଇଛି । ବିଡିଓ କଟକ ସଦର ଏବଂ ତହସିଲଦାର କଟକ ସଦର ଯଥାକ୍ରମେ ଉପୋରକ୍ତ ସ୍ଥାନମାନଙ୍କରେ ଉପସ୍ଥିତ ରହି ରୂପରେଖ ପ୍ରସ୍ତୁତି ପୂର୍ବକ ଅଭ୍ୟାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ୍ରାଫ, ଏନଡିଆରଏଫ, ଅଗ୍ନିଶମ, ଆପଦା ମିତ୍ର, ଜିଲ୍ଲା ଓ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ତଥା ପୋଲିସ (ସହରାଞ୍ଚଳ) ଏହିଭଳି ବିପର୍ଯ୍ୟୟ ସମୟରେ ଆବଶ୍ୟକ ହେଉଥିବା ସେବା କାର୍ଯ୍ୟ ନିମନ୍ତେ ନିଜ ନିଜର ଭୂମିକା ନିର୍ବାହ କରିଥିଲେ । ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ଏହି କାର୍ଯ୍ୟକ୍ରମ କଟକ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରେ ଆୟୋଜନ କରାଯାଉଛି । ପୂର୍ବାହ୍ନରେ ପ୍ରସ୍ତୁତି ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନରେ କଟକ ଜିଲ୍ଲାପାଳଙ୍କ ଜିଲ୍ଲା ଆପଦା ପରିଚାଳନା କେନ୍ଦ୍ର କଣ୍ଟ୍ରୋଲ ରୁମ୍ ଠାରେ ଜିଲ୍ଲାର ଶିଳ୍ପ ସଂସ୍ଥା ଏବଂ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ବାସ୍ତବ ରୂପରେଖ ପ୍ରସ୍ତୁତି ପୂର୍ବକ ସମୀକ୍ଷା କରଯାଇଥିଲା ।

# ଗୁଡଭେଲା ବ୍ଲକର ତ୍ରିଦିବସୀୟ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥାନ, ବଲାଙ୍ଗିରଙ୍କ ଦ୍ୱାରା ଗୁଡଭେଲା ବ୍ଲକ ସଂଯୋଜିକା ଐଶ୍ୱର୍ଯ୍ୟ ସାମ୍ରାଜ୍ଞୀ ମିତ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂଆପଡା ପଂଚାୟତ ହାଇସ୍କୁଲ ଠାରେ ଗୁଡଭେଲା ବ୍ଲକର ୩୩ ଜଣ ପ୍ରଧାନ ଶିକ୍ଷକଙ୍କୁ ନେଇ ଗତ ୨୪ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ବିଇଓ ନମିତା ରାଣୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏବିଇଓ ରମେଶ ଚନ୍ଦ୍ର ସାମର୍ଥ ଉଦ୍ ?ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଲିମରୁ ମିଳିଥିବା ଅଭିଜ୍ଞତାକୁ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଥିଲେ । ସାଧନକର୍ମୀ ତଥା ତୁଷୁରା ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ସଭା ସଂଚାଳନ କରିଥିବା ବେଳେ ସାଧନ କର୍ମୀ ଦୁତିଆ ସେଠ ଧନ୍ୟବାଦ ଅର୍ପଣ କରିଥିଲେ । ସାଧନ କର୍ମୀ ରୋଲିନା ମାଝୀ ଓ ଦୀପାଞ୍ଜଳି ଛତ୍ରିଆ ତାଲିମ ପରିଚାଳନା କରିଥିଲେ । ଏବିଇଓ ସୁରେନ୍ଦ୍ର ସୁନା ଓ ବିପିନ ବାଗ ବିଭିନ୍ନ ସମୟରେ ପରିଦର୍ଶନରେ ଆସି ତାଲିମ ତଦାରଖ କରୁଥିଲେ । ସିଆରସିସି ଜଗମୋହନ ତ୍ରିପାଠୀ ଭେନ୍ୟୁ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଉଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ମିଶ୍ର ଓ ସମସ୍ତ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ଅକୁଣ୍ଠ ସହଯୋଗ କରିଥିଲେ ।

# ସ୍ୱର୍ଗତଃ ନବ କିଶୋର ପଣ୍ଡାଙ୍କ ସ୍ମୃତି ଚାରଣ ସଭା

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ମ୍ୟୁନିସିପାଲିଟି ଶ୍ରୀରାମପୁର ସ୍ଥିତ ଇଣ୍ଟେରନେଶନାଲ ଦିଲ୍ଲୀ ପବ୍ଲିକ ସ୍କୁଲ ପରିସରରେ 'ସ୍ୱର ଓ ସ୍ୱାକ୍ଷର' ସାହିତ୍ୟ ଅନୁଷ୍ଠାନ ତରଫରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାର ସମ୍ମାନିତ ବରିଷ୍ଠ ସାରସ୍ୱତ ସାଧକ ସ୍ୱର୍ଗତଃ ନବ କିଶୋର ପଣ୍ଡାଙ୍କ ଏକାଦଶାହ ଦିବସରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଡ. ବିକ୍ରମ ମହାପାତ୍ର,ବରିଷ୍ଠ କବି ରାମଚନ୍ଦ୍ର ଦାସ, ଅବସର ପ୍ରାପ୍ତ ଶିକ୍ଷାବିତ୍ ଓ ସାହିତ୍ୟିକ କାମେଶ୍ୱର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱର ଓ ସ୍ୱାକ୍ଷରର ସଭାପତି ଡ. ଶ୍ରୀହରି ଧଳ ମଞ୍ଚ ପରିଚାଳନା କରିଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ୱର୍ଗତଃ ପଣ୍ଡା ଓ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତଃ ପଣ୍ଡାଙ୍କର ପୁସ୍ତକାବଳୀ, ଜୀବନଚର୍ଯ୍ୟା, ହୋମିଓପାଥି ସେବା, ବୃକ୍ଷ ରୋପଣ ସହ ବିଭିନ୍ନ ଗୁଣାବଳୀ ବିଷୟରେ ସଭାରେ ସ୍ମୃତି ଚାରଣ କରାଯାଇଥିଲା । ଏହି ସଭାରେ ଗାଳ୍ପିକ ନିତ୍ୟାନନ୍ଦ ପଣ୍ଡା, ପ୍ରଭାତ କୁମାର ମଲ୍ଲିକ, ଅନିଲ କୁମାର ମହାନ୍ତି, ପ୍ରଦୀପ୍ତ ଦାସ, ବିରଜା ବଳ, ଘନ ପରିଡ଼ା, ତପନ ମହାରଣ୍ୟ, ବ୍ୟଙ୍ଗାକବି ଓମ ପଣ୍ଡା ଓ ଅଖିଳ ଦାସ, କବି ଶିଶିର ମହାପାତ୍ର, ରଞ୍ଜନ ପାଣିଗ୍ରାହୀ, ମଳୟ କୁମାର ପଣ୍ଡା, ଗାୟତ୍ରୀ ଦାଶ ଓ ସ୍ୱର୍ଗତଃ ପଣ୍ଡାଙ୍କର ଦୁଇ କନ୍ୟା ପୂର୍ଣ୍ଣିମା ରାଣୀ, ନୀଳିମା ରାଣୀ ଯୋଗଦେଇଥିଲେ । ଅବଶେଷରେ ଅନୁଷ୍ଠାନର ସମ୍ପାଦକ ନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ୟାମସୁନ୍ଦର ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**



ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଶ୍ୟାମସୁନ୍ଦର ହାଇସ୍କୁଲ ୧୯୮୫ ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକର ଆରମ୍ଭରେ ବିଦ୍ୟାଳୟର ଦିବଙ୍ଗତ ଶିକ୍ଷକଙ୍କ ସହିତ ଦିବଙ୍ଗତ ସହପାଠୀ କୁଳମଣି ମହାରଣାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନିରବ ପ୍ରାର୍ଥନା କରାଯାଇଥିଲା । ସହପାଠୀମାନେ ନିଜ ନିଜର ପତ୍ନୀ ଏବଂ ସ୍ୱାମୀମାନଙ୍କ ସହିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ଅତିତର ସ୍ମୃତି ଓ ଅନୁଭୂତି ବଖାଣି ଥିଲେ । ଦୀର୍ଘ ୪୦ ବର୍ଷପରେ ପ୍ରଥମ ଥର ପାଇଁ ପରସ୍ପର ସାକ୍ଷାତ ହେବାର ସୁଯୋଗ ପାଇ ସହପାଠୀମାନେ ଭାବ ବିହ୍ୱଳ ହୋଇପଡ଼ିଥିଲେ । ଆସନ୍ତା ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଦିନ ବିଦ୍ୟାଳୟର ପୁରାତନ ଶିକ୍ଷକମାନଙ୍କୁ ଗୁରୁପୂଜା କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ନିତ୍ୟାନନ୍ଦ ବେହେରା ଏବଂ କସ୍ତୁରୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପ୍ରଭାତ କୁମାର ପଣ୍ଡା, ନରେନ୍ଦ୍ର କୁମାର ଜେନା, ଦୟାନିଧି ଦାଶ, ବ୍ରଜକିଶୋର ମହାନ୍ତି, ହୃଷିକେଶ ସାହୁ, ଅଜୟ କୁମାର ସ୍ୱାଇଁ, ସୁରେନ୍ଦ୍ର ସାହୁ, ବିଳାସୀ ସାହୁ, ସୁଦର୍ଶନ ପଣ୍ଡା, କଲ୍ୟାଣୀ ମଞ୍ଜରି ମଲ୍ଲ, ଜ୍ୟୋର୍ତିମୟୀ ମହାନ୍ତି, ନରେନ୍ଦ୍ର ସିଂ, ରବିନ୍ଦ୍ର ନାୟକ, ନିରୁପମା ପଣ୍ଡା, ପଦ୍ମିନୀ ଜେନା, ଆନନ୍ଦ ଚନ୍ଦ୍ର ବିଶ୍ୱାଳ, ଅଜୟ କୁମାର ବିଶ୍ୱାଳ, ଅନନ୍ତ ମହାରଣା, ନିର୍ମଳା ଶତପଥୀ, ମାଳତୀ ପଣ୍ଡା, ବନଜା ମହାରଣା ପ୍ରମୁଖ ବହୁ ପୁରାତନ ଛାତ୍ରଛାତ୍ରୀ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଆରବିଆଇ ପକ୍ଷରୁ ଆର୍ଥିକ ସ୍ୱାକ୍ଷରତା ସପ୍ତାହ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଫେବୃୟାରୀ ୨୦୨୪ ରୁ ୨୮ ପର୍ଯ୍ୟନ୍ତ ଆର୍ଥିକ ସ୍ୱାକ୍ଷରତା ସପ୍ତାହ ପାଳନ କରୁଛ । ଆର୍ଥିକ ଅନ୍ତର୍ଭୁକ୍ତ କରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ଏହି ସପ୍ତାହ ୨୦୨୫ର ବିଷୟବସ୍ତୁ ଆର୍ଥିକ ବୁଦ୍ଧିମତା ସମୃଦ୍ଧ ନାରୀ ରଖାଯାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜମପଡ଼ା ପଞ୍ଚାୟତ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଏଲଡିଏମ ମନୋଜ ପ୍ରଧାନୀ ଅଧକ୍ଷତା କରିଥିବା ବେଳେ ଭୁବନେଶ୍ୱର ଆରବିଆଇର ଏଲଡିଓ ସନ୍ତୋଷ ମିଶ୍ର ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏଫଏଲସି କାଉନସିଲର ମୋହନ ଚରଣ ବେସ୍ରା, ଏଲଡିଓ ସନ୍ତୋଷ ମିଶ୍ରା ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଗୃହଣୀ କର୍ମଜୀବୀ ମହିଳା ଏବଂ ମହିଳା ଉଦ୍ୟୋଗୀ ପାଇଁ ଆର୍ଥିକ ସ୍ୱାକ୍ଷରତା ଶିବିର ଆୟୋଜନ ହୋଇଛି । ଏଥିରେ ବର୍ଗର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଅଂଶ ଗ୍ରହଣ କରିଥିଲେ । ଅଂଶ ଗ୍ରହଣକାରୀମାନଙ୍କୁ ମାସିକ ବ୍ୟୟ ବଜେଟ୍ ଜରୁରୀ କାଳୀନ ଯୋଜନା, ବିବିଧତା ଏବଂ ରିସ୍କ ପରିଚାଳନା ବ୍ୟବସାୟ ପାଇଁ ଋଣ ନେବା, ଠିକ୍ ସମୟରେ ଇଏମଆଇ ପ୍ରଦାନ କରିବା, କ୍ରେଡିଟ୍ ସ୍କୋରର ଗୁରୁତ୍ୱ ସହ ବିଭିନ୍ନ ପ୍ରକାର ଆର୍ଥିକ ଠକେଇ ସଂପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସିଏଫଏଲ ପୂଜାଶ୍ରୀ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନ ଆଧାରିତ ପ୍ରଶ୍ନାବଳୀ 'ଜିଜ୍ଞାସାର ପଥ' ଉନ୍ମୋଚିତ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ ପକ୍ଷରୁ ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଜାତୀୟ ବିଜ୍ଞାନ ଦିବସ-୨୫ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଆଇଜର, ବ୍ରହ୍ମପୁରର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଡକ୍ଟର ପରୀକ୍ଷିତ ମଇତ୍ରା ମୁଖ୍ୟ ଅତିଥି, ଦିଲ୍ଲୀ ସରକାରଙ୍କ ଅଧୀନରେ କାର୍ଯ୍ୟରତ ବରିଷ୍ଠ ବୈଜ୍ଞାନିକ ଡକ୍ଟର ବିନୋଦ ଚନ୍ଦ୍ର ସାବତ ମୁଖ୍ୟ ବକ୍ତା, ନୀଳକଣ୍ଠ ନଗର, ବ୍ରହ୍ମପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁବ୍ରତ କୁମାର ପାଣିଗ୍ରାହୀ, ଗଞ୍ଜାମ ଜିଲ୍ଲା ଇକୋ କ୍ଲବର ସଂଯୋଜକ ତଥା ପରିବେଶବିତ୍ ଡକ୍ଟର ଶଙ୍କର ନାରାୟଣ ବେଜ୍ ସମ୍ମାନୀତ ଅତିଥି ରୂପେ ଯୋଗଦାନ କରି ବିଜ୍ଞାନ ପ୍ରତି ସଚେତନତା, ସମାଜ ଉପରେ ବିଜ୍ଞାନର ପ୍ରଭାବ, ପ୍ରତିବର୍ଷ ଜାତୀୟ ବିଜ୍ଞାନ ଦିବସ ପାଳନର ଲକ୍ଷ୍ୟ ଆଭିମୁଖ୍ୟ, ନିତିଦିନିଆ ଜୀବନରେ ବିଜ୍ଞାନର ଉପଯୋଗିତା, ନୈତିକ ମୂଲ୍ୟବୋଧ ଓ ବିଜ୍ଞାନ, ବିଦ୍ୟାଳୟ ସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳନର ମହନୀୟତା ଆଦି ବହୁବିଧ ଦିଗ ସମ୍ପର୍କରେ ସାରସ୍ୱତ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାପତି ଡକ୍ଟର ସନ୍ତୋଷ କୁମାର ପରିଡ଼ା ଆୟୋଜିତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ, ଶିକ୍ଷାର୍ଥୀ ଶିକ୍ଷକଙ୍କ ମଧ୍ୟରେ ବିଜ୍ଞାନ ଭିତ୍ତିକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା, ରମଣୀ ପ୍ରଭାବ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ବରିଷ୍ଠ ପ୍ରଶିକ୍ଷିକା ଡକ୍ଟର ନୀହାରିକା ସାମନ୍ତରାୟ କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ । ଅତିଥିଙ୍କ ଦ୍ୱାରା ବିଜ୍ଞାନ ପତ୍ରିକା 'ଅନୁସନ୍ଧାନ'ର ଶୁଭ ଉନ୍ମୋଚନ ହୋଇଥିଲା । ଏତଦବ୍ୟତୀତ ବିଜ୍ଞାନ ଆଧାରିତ ପ୍ରଶ୍ନାବଳୀ 'ଜିଜ୍ଞାସାର ପଥ' ନାମକ ପ୍ରଶ୍ନ ଗୁଚ୍ଛର ଶୁଭ ଉନ୍ମୋଚନ ହୋଇଥିଲା । ଉକ୍ତ ପ୍ରଶ୍ନ ଗୁଚ୍ଛ ପ୍ରତ୍ୟେକ ମାସରେ ସମସ୍ତ ବିଦ୍ୟାଳୟକୁ ଯୋଗାଣ ପାଇଁ ପ୍ରତିଷ୍ଠାନର ଅଧକ୍ଷ ଡକ୍ଟର ପରିଡ଼ା ଘୋଷଣା କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ୨୨ଟି ବ୍ଲକ୍‌ରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ଭିତ୍ତିକ ପ୍ରକଳ୍ପ, ଇ.ଟି.ଆଇ. ପୋଲସରା, ଇ.ଟି.ଆଇ. ଚିକିଟିର ଅଧ୍ୟାପକମାନଙ୍କ ମାର୍ଗଦର୍ଶନରେ ଗୁରୁ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତ ବିଜ୍ଞାନ ଆଧାରିତ ପ୍ରକଳ୍ପ, ସେହିଭଳି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଞ୍ଜାମ, ଖଲ୍ଲିକୋଟର ସମସ୍ତ ଗୁରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସର୍ବମୋଟ ୧୪୮ ଗୋଟି ପ୍ରକଳ୍ପ ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା ।

ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ଜିତେନ୍ଦ୍ର କୁମାର ପଣ୍ଡା, ନବୀନ ପ୍ରମାଣିକ, ଦେବେନ୍ଦ୍ର ନାଥ ସାହୁ, ସୁକୁଲେଇ ଟୁଡୁ, ବରିଷ୍ଠ ପ୍ରଶିକ୍ଷିକା ପ୍ରଜ୍ଞା ପାରମିତା, ନିବେଦିତା ପାଢ଼ୀ, ସରୋଜିନୀ ମିଶ୍ର, ସୁଶ୍ରୀ ଗାୟତ୍ରୀ ସ୍ୱାଇଁ, ଲିପି ଶ୍ରୀ ଦେବୀ, ଜୟନ୍ତୀ ବେହେରା, କଲ୍ୟାଣୀ କୁମାରୀ ଗୌଡ଼, ଭାବିଲିତା ନାୟକ, ଅନୁପମା ଦାସ, ବବିତା ସିଂ ନାୟକଙ୍କ ସମେତ ସେକ୍ସନ ଅଧିକାରୀ ପ୍ରବେଶ କୁମାର ପଟ୍ଟନାୟକ, କନିଷ୍ଠ କିରାଣୀ ଆଶିଷ ରଞ୍ଜନ ସେଠୀ , କମ୍ପ୍ୟୁଟର ଇନଷ୍ଟ୍ରକ୍ଟର ମନୋରଞ୍ଜନ ବାରିକ, ପ୍ରତିଷ୍ଠାନର କର୍ମଚାରୀ ଜୟଶଙ୍କର ଗୌଡ଼, ନିରୁପମା ପ୍ରଧାନ, ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ କରିଥିଲେ ।

# କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ପୋଡ଼ମପେଟା ଓଡ଼ିଆରପି କଲୋନୀରେ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ତିନିମାସ ଧରି ଚାଲିଥିବା କମ୍ପ୍ୟୁଟର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠାନର ଜିଲ୍ଲା ନିର୍ଦ୍ଦେଶକ ମନୋଜ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ସାମୁଦ୍ରିକ ସମ୍ପ୍ରଦାୟର ୨୦ ଜଣ ଯୁବକ ଯୁବତୀଙ୍କୁ ଓ୍ୱାର୍ଡ, ଏକ୍ସସେଲ, ପାୱାର ପଏଣ୍ଟ, ଡଶ, ଇଣ୍ଟରନେଟ୍ ଇତ୍ୟାଦି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଜେଏସଏସର ବୋର୍ଡ ଅଫ ମେମ୍ବର ବିଜୟଲକ୍ଷ୍ମୀ ମହାକୁଡ଼, ଏପିଓ ଉମାକାନ୍ତ ବେହେରା, ସମାଜସେବୀ ସି.ଏଚ୍ ପଦ୍ମିନୀ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ତାଲିମଦାତା ଜେ. ଟିଟୁ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ନେଇ ମୂଲ୍ୟ ନିର୍ଦ୍ଧାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି ।

# ୩୦ ହଜାର ଭାରତୀୟ ରଖିଛନ୍ତି ବିଦେଶରେ ଟଙ୍କା

ଭାରତୀୟ କରଦାତାମାନେ ବିଦେଶରେ କେତେ ଟଙ୍କା ରଖିଛନ୍ତି ଏହାର ଖୁଲାସା କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ବିଶେଷ ଅଭିଯାନ ଚଳାଇଥିଲେ। ଏଥିରେ ୩୦ ହଜାର ଭାରତୀୟ ବିଦେଶରେ ୨୯,୨୦୮ କୋଟି ଟଙ୍କା ରଖିଛନ୍ତି ବୋଲି ଖୁଲାସା କରିଛନ୍ତି। ଅତିରିକ୍ତ ୧୦୯୦ ଟଙ୍କା ଆୟ ରହିଥିବା ଭାରତୀୟ କରଦାତମାନେ ସୂଚନା ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏଥିରେ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ବୃଦ୍ଧି ପାଉଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୩୦,୧୬୧ ଭାରତୀୟଙ୍କର ବିଦେଶରେ ୨୯,୨୦୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ୧୦୮ରୁ ଅଧିକ ଦେଶରୁ ଆର୍ଥିକ ତଥ୍ୟ ହାସଲ କରିଛି, ଯାହା ବିଦେଶୀ ଆକାଉଣ୍ଟ ଏବଂ ଭାରତ ବାହାରେ ଅର୍ଜିତ ଆୟ, ଯେପରିକି ସୁଧ ଏବଂ ଲାଭାଂଶ ବିଷୟରେ ସୂଚନା ଦେଇଛି। ବିଦେଶରେ ଟଙ୍କା ରଖୁ ସ୍ୱଚ୍ଛାକୃତ ଘୋଷଣା କରୁଥିବା ନାଗରିକଙ୍କ ସଂଖ୍ୟାରେ ବୃଦ୍ଧି ପାଉଛି। ବିଦେଶରେ ସମ୍ପତ୍ତି ରଖୁଥିବା କରଦାତାଙ୍କ ସଂଖ୍ୟା ୨୦୨୧-୨୨ ଆର୍ଥିକ ବର୍ଷରେ ୬୦ ହଜାର ଥିଲା। ହେଲେ ୨୦୨୪-୨୫ ଏଥିରେ ବୃଦ୍ଧି ଘଟି ୨ ଲକ୍ଷ ୩୧ ହଜାର,୪୫୨ରେ ପହଞ୍ଚିଛି। ବ୍ୟାପକ ସଚେତନତା ଅଭିଯାନ ଏବଂ ଦେଶ ବାହାରେ ପ୍ରୟାସ ଯୋଗୁ ଅଧିକ ସଂଖ୍ୟାକ ସ୍ୱଚ୍ଛାକୃତ ଭାବେ ବିଦେଶୀ ସମ୍ପତ୍ତି ଘୋଷଣା କରିଛନ୍ତି। ଫଳରେ ୨୦୨୩-୨୪ ତୁଳନାରେ ସ୍ୱେଚ୍ଛାକୃତ ଘୋଷଣାରେ ୪୫.୧୭% ବୃଦ୍ଧି ପାଇଛି। ପ୍ରାରମ୍ଭରୁ କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡ ପ୍ରକ୍ରିୟାକୁ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ଭାରତ ହେଉଛି ଗୋଟିଏ। ଏହି ପ୍ରକ୍ରିୟା ମାଧ୍ୟମରେ ଭାରତ ୨୦୧୮ ମସିହାରୁ ବିଭିନ୍ନ ଦେଶରୁ ଆର୍ଥିକ ସୂଚନା ହାସଲ କରିଆସୁଛି। ୧୨୫ ରୁ ଅଧିକ ଦେଶ ଆର୍ଥିକ ତଥ୍ୟର ସ୍ୱୟଂଚାଳିତ ବିନିମୟରେ ଅଂଶଗ୍ରହଣ କରନ୍ତି, ଆକାଉଣ୍ଟ, ବାଲାନ୍ସ, ଲାଭାଂଶ ଏବଂ ମୋଟ ଦେୟ ବିଷୟରେ ବିବରଣୀ ଆଦାନପ୍ରଦାନ କରନ୍ତି। ଏଥିସହିତ, ଭାରତ ମଧ୍ୟ ବୈଦେଶିକ ଆକାଉଣ୍ଟସ୍ ଟିକସ ଅନୁପାଳନ ଆଇନ, ୨୦୧୦ ର ଆନ୍ତଃ-ସରକାରୀ ଚୁକ୍ତିନାମା ଅଧୀନରେ ଆମେରିକା ସହିତ ସମାନ ତଥ୍ୟ ଆଦାନପ୍ରଦାନ କରୁଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଳାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବେକରେ କର୍ମକର
କରାଇବା କରୁଥିବା
ଯେତେ କର୍ମମାନ
ହୃଦୟରେ ବିବେକକୁ
କରିବ ସ୍ମରଣ (୧୭୮)

ଭଲମନ୍ଦ ବିଚାରକୁ
ବିବେକଟି ସାକ୍ଷୀ
କ୍ଷୀର ନୀର ପରଖିବ
ସେହି ଧର୍ମ ପକ୍ଷୀ (୧୭୯)

ହୃଦୟରେ ବସିଅଛି
ସଦା ତୁନି ହୋଇ
ନିର୍ବିକାର ନିର୍ବିବାଦ
ଅବଧୂତ ସେହି (୧୮୦)

ଏକ ବ୍ରହ୍ମ ବେନିଖଣ୍ଡ
ଜଗତ କଲ୍ୟାଣେ
ହେତୁ ଘରେ ଚେତା ରଖ
ଅଭିରାମ ଭଣେ (୧୮୧)

ଗୁରୁଶିଷ୍ୟ ପିତାପୁତ୍ର
ପ୍ରକୃତି ପୁରୁଷ
ଭକ୍ତ ଭଗବାନ ସେତ
ପରମ ପୁରୁଷ (୧୮୨)

ଜଗତର ହିତ ପାଇଁ
ବ୍ରହ୍ମ ବେନି ଖଣ୍ଡ
ସୃଷ୍ଟି ସ୍ଥିତି ପାଳନରେ
ଖେଳୁଛି ବ୍ରହ୍ମାଣ୍ଡ (୧୮୩)

ଦୁଃଖ ସୁଖ ରୋଗ ଭୋଗ
ସଂସାର ଯାତନା
ଦେହେ ବ୍ରହ୍ମ ଗୁପ୍ତ ଥାଇ
ଭୋଗଇ ବାସନା (୧୮୪)

ଚିନ୍ତା ନାହିଁ ଯେଣୁ ତାର
ଅଚିନ୍ତ୍ୟ ପୁରୁଷ
ଶରୀରରେ ଗୁପ୍ତେ ଥାଇ
କରଇ ରାହାସ (୧୮୫)

(କ୍ରମଶଃ)

# ସାହିତ୍ୟ ସାରଥି–ଗୌରୀଶଙ୍କର



**ଅକ୍ଷୟ କୁମାର ରାଉତ**
ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

ଓଡିଆ ଜାତି ଦାରୁଣ ସଙ୍କଟର ସମ୍ମୁଖିନ ହୋଇ ଅତ୍ୟାଚାର, ଅନ୍ୟାୟ, ଅନୀତି, ପରାଧୀନତାରେ ସଢୁଥିବା ବେଳେ ଉତ୍କଳର ପ୍ରାଣ, ପ୍ରଜ୍ଞାପୁରୁଷ ସାହିତ୍ୟ ସାରଥୀ ପ୍ରବୀଣ ସାମ୍ବାଦିକ କର୍ମବୀର ଗୌରିଶଙ୍କର କଟକ ଜିଲ୍ଲାର ଦୀକ୍ଷିତ ପଡାରେ ୧୮୩୮ମସିହା ଜୁଲାଇ ୧୩ ତାରିଖ ଆଷାଢ ମାସ ଶୁକ୍ଲ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପିତା ସଦାଶିବ ରାୟ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ପୂର୍ବ ପୁରୁଷମାନେ ଷୋଡଶ ଶତାବ୍ଦୀରେ ବର୍ଦ୍ଧମାନ ଜିଲ୍ଲାସ୍ଥ ଚମ୍ପାପୁରରୁ ଆସି ଓଡିଶାର ଦୀକ୍ଷିତ ପଡାରେ ବାସ କରୁଥିଲେ। ତାଙ୍କ ସାଙ୍ଗିଆ ଥିଲା ବସୁ ବା ବୋଷ ପରେ ସେ ରାୟ ଭାବରେ ପରିଚିତ ହେଲେ। ଶିବ ପାର୍ବତୀଙ୍କ ଆଶୀର୍ବାଦରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଗୌରୀଶଙ୍କର ରଖାଯାଇଥିଲା।

ପିଲାଦିନେ ଗୌରୀଶଙ୍କର ଗାଁ ଚାଟଶାଳିରେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ, ପରେ ସେ ସରକାରୀ ଭାଷା ର୍ପାସୀକୁ ଗୁରୁ ମକ୍ତବର ଅଖୁନଜୀ ଠାରୁ ଶିକ୍ଷା କରିଥିଲେ। ରେଭେନ୍ସା କଲିଜିଏଟ୍ ବିଦ୍ୟାଳୟରୁ ଏଣ୍ଟ୍ରାସ ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରି ବୃତ୍ତି ପାଇ ଉଚ୍ଚ ଶିକ୍ଷା ନିମନ୍ତେ କଟକରୁ ହୁଗୁଳି ଯାତ୍ରା କରିଥିଲେ। ବାପାଙ୍କ ଆଦେଶରେ ଗୌରୀଶଙ୍କର ହୁଗୁଳିରୁ କଟକ ଫେରି କକା ଭବାନୀ ପ୍ରସାଦଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ମାସିକ ୨୦ ଟଙ୍କା ଦରମାରେ ନିଯୁକ୍ତ ହେଲେ। ସେହି ସମୟରେ ସେ ସ୍କୁଲରେ ରାଧାନାଥ ରାୟ ଓ ବୈକୁଣ୍ଠ ନାଥ ଦେ ପାଠ ପଢୁଥିଲେ। ୧୮୫୯ ମସିହାରେ କମିସନରଙ୍କ ଅଫିସରେ ଜଣେ ଅମଲା ଭାବେ ନିଯୁକ୍ତ ହେଲେ। କମିଶନର ମିଜି.ଏଫ୍ କକବର୍ଣ ତାଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୁଷ୍ଟ ହୋଇ ସ୍ଥାୟୀ କିରାଣି ପଦରେ ନିଯୁକ୍ତି କରିଥିଲେ। ଗୌରୀଶଙ୍କର ମନି ଅର୍ଡର ଏଜେଣ୍ଟ ଓ ଟ୍ରେଜେରୀ କିରାଣି ଷ୍ଟାଫ୍ ଭାବରେ କାମ କରୁଥିବା ସମୟରେ ଜଏଣ୍ଟ ମାଜିଷ୍ଟ୍ରେଟ ଆର୍ମଷ୍ଟ୍ରଙ୍ଗ୍ ସାହେବଙ୍କ ମନିଅର୍ଡରକୁ ସମୟ ଗଡିଯାଇଥିବାରୁ ଫେରାଇ ଦେଇଥିଲେ। ଏହି କଥାରେ ଆର୍ମଷ୍ଟ୍ରଙ୍ଗ୍ ରାଗିଥିଲେ ମଧ୍ୟ ପରେ ଗୌରୀଶଙ୍କରଙ୍କର ମହାନତା ପାଖରେ ହାର ମାନିଥିଲେ। ୧୨ ବର୍ଷ କିରାଣି ପଦବୀରେ କାର୍ଯ୍ୟ କରିବା ପରେ କଟକ ଅଦାଲତରେ ଟ୍ରାନ୍ସଲେଟର ପୋଷ୍ଟରେ ମି ମାକ୍ ଫରସନ୍ ମାସିକ ୧୦୦ଟଙ୍କା ଦରମାରେ ନିଯୁକ୍ତ ଦେଲେ। ଉକ୍ତ ଚାକିରିରେ ପ୍ରାୟ ୨୦ ବର୍ଷ ସେ କାମ କରିଥିଲେ। ଗୌରୀଶଙ୍କର ରଘୁନାଥପୁର ମାଣିକ ରାମ ମିତ୍ରଙ୍କ କନ୍ୟାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଥିଲେ, ମଧ୍ୟ ତାଙ୍କ ଔରସରୁ ଜନ୍ମିତ ପୁଅମାନଙ୍କର ଅକାଳ ବିୟୋଗ ଘଟିଥିଲା କେବଳ ତିନୋଟି କନ୍ୟା ସନ୍ତାନ ଜୀବିତ ଥିଲେ। ୧୮୭୫ ମସିହାରେ ତାଙ୍କ ପତ୍ନିଙ୍କର ବିୟୋଗ ଘଟିଲା। ସେ ପୁନଃ ବିବାହ ନକରି ବ୍ରହ୍ମଚାରୀ ଜୀବନ ଅତିବାହିତ କଲେ।

ନଅଙ୍କ ଦୁର୍ଭିକ୍ଷ ସମୟରେ ଗୌରୀଶଙ୍କର ଦେବଦୂତ ପରି ଓଡ଼ିଆ ମାନଙ୍କୁ ଜୀଇଁବାକୁ ରାହା ଦେଖାଇଥିବାରୁ ତାଙ୍କର ଲିଖିତ ଅଭିଯୋଗ ମି.ଜର୍ଜ.କାଂପେଲ ଖଜଣା ଛାଡ଼ କରିବା ଓ ବନ୍ଦୋବସ୍ତର ମିଆଦ ୩୦ବର୍ଷକୁ ବଢାଇ ଦେଇଥିଲେ। ନଅଙ୍କ ଦୁର୍ଭିକ୍ଷର ଭୟାବହତାର ଅନୁଭବ ଗୌରୀଶଙ୍କରଙ୍କୁ ବ୍ୟଥିତ କଲା। ଗୌରୀଶଙ୍କର, ବିଚିତ୍ରାନନ୍ଦ ଦାସ, ଜଗମୋହନ ରାୟ ୩ଜଣ ମିଳିତ ହୋଇ ୭୫୦୦ ଟଙ୍କାରେ କଟକ ପ୍ରିଣ୍ଟିଂପ୍ରେସ୍ ପ୍ରତିଷ୍ଠା କରିଥିଲେ। ଏହା ପୂର୍ବରୁ ଖ୍ରୀଷ୍ଟଧର୍ମ ସମ୍ପର୍କିତ ପୁସ୍ତକ ଛାପା ପାଇଁ ମିଶନ ପ୍ରେସ୍ ନାମକ ଏକ ପ୍ରେସ୍ ଓଡ଼ିଶାରେ ଥାଏ। କଟକ ପ୍ରିଣ୍ଟିଂ କମ୍ପାନୀର ଗୌରୀଶଙ୍କର ସେକ୍ରେଟାରି ଓ ପରିଚାଳକ ଥିଲେ। ଓଡ଼ିଆ ମାଟିକୁ ପ୍ରଥମ ଥର ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କଲା। ତା ପରେ ସିଦ୍ଧାନ୍ତ ଦର୍ପଣ। ଗୌରୀଶଙ୍କରଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂପ୍ରେସ୍ ସମଗ୍ର ଓଡ଼ିଶାର ସାଂସ୍କୃତିକ, ସାହିତ୍ୟିକ, କଳା, ଭାସ୍କର୍ଯ୍ୟ ଓ ରାଜନୈତିକ ଅଲୋଚନା ଓ କ୍ରିୟାକଳାପର କେନ୍ଦ୍ରସ୍ଥଳି ପାଲଟିଗଲା। ୧୮୬୬ ମସିହା ଅଗଷ୍ଟ ମାସରୁ 'ଉତ୍କଳ ଦୀପିକା' ପ୍ରକାଶ ପାଇଲା। 'ଉତ୍କଳ ଦୀପିକା' ଉତ୍କଳ ଭାଷାର ସୁରକ୍ଷା, ରାଜା ପ୍ରଜାଙ୍କର ମତ ଓ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱ ଆରୋପ କରି ଉତ୍କଳର ମୁଖପତ୍ରରୂପେ ରାଜ ଦ୍ୱାରରେ ଗୃହୀତ ହେଉଥିଲା। ଦୀର୍ଘ ୫୦ବର୍ଷ ଧରି ଗୌରୀଶଙ୍କର ଉତ୍କଳ ଦୀପିକାର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। 'ଦୀପିକାରେ' ଗଳ୍ପ, କବିତା, ପ୍ରବନ୍ଧ, ଇତିହାସ, ରାଜନୈତିକ କାର୍ଯ୍ୟ କଳାପ ଆଦି ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନା ମୂଳକ ଲେଖାମାନ ପ୍ରକାଶ ପାଉଥିଲା। ପଣ୍ଡିତ ଗୋବିନ୍ଦ ରଥ ଗୌରୀଶଙ୍କରଙ୍କ ସହାୟତାରେ ଅନେକ ଲେଖକ ମାନଙ୍କୁ ନେଇ ପାଠ୍ୟ ପୁସ୍ତକ ରଚନା କରିଥିଲେ।

'ଓଡ଼ିଶା ଆସୋସିଏସନ୍' ବା ଉତ୍କଳ ସଭାର ଗୌରୀଶଙ୍କରଙ୍କର ଥିଲେ ସମ୍ପାଦକ। ଏହିସଭା ମାଧ୍ୟମରେ ଓଡ଼ିଶା ଓ କଟକର ହିତକଳ୍ପେ ବିଭିନ୍ନ ବିଷୟମାନ ଉପରେ ଧ୍ୟାନ ଦିଆଯାଉଥିଲା। ଗୌରୀଶଙ୍କର ୧୯୦୫ ମସିହାରେ ଏହି ସଭା କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଗୌରୀଶଙ୍କର ରାୟବାହାଦୁର , ଗୋକୁଳା ନନ୍ଦ ଚୌଧୁରି ଓ କେତେଜଣ ବିଶିଷ୍ଟ ବ୍ୟକ୍ତି ମିଶି 'ଓଡ଼ିଆ ଲୋକସଭା' ନାମକ ଏକ ନୂତନ ଦଳ ଗଠନ କରିଥିଲେ। ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଦୃଢ ରଖିବା ପାଇଁ ସେ ପ୍ରତି ବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧି ପ୍ରେରଣାର ପକ୍ଷପାତି ଥିଲେ। ସେ ଜାତୀୟ ମହାସଭାରେ ଯୋଗଦାନକୁ ମହାନ ପୂଣ୍ୟ କାର୍ଯ୍ୟ ମନେକରୁଥିଲେ। ୧୯୧୫ ମସିହାରେ ସୁଦୂର କରାଚି ଅଧିବେଶନକୁ ଯାତ୍ରା କରିଥିଲେ ଜରାଜୀର୍ଣ୍ଣ ଦେହରେ।

ସଙ୍ଗୀତ ଓ ଲୋକ ସାହିତ୍ୟକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଗୌରୀଶଙ୍କର ଧନ ମନ ନିୟୋଜିତ କରିଥିଲେ। ସେ ପ୍ରାଚୀନ କାବ୍ୟ ଓ ସୁନ୍ଦର ଛାନ୍ଦ ମାନ ରଚନା କରି ସୁମଧୁର କଣ୍ଠରେ ବୋଲିପାରୁଥିଲେ। ସେ ପ୍ରତି ସପ୍ତାହର ମଙ୍ଗଳ ବାର ଓ ଶନିବାରରେ ପ୍ରିଣ୍ଟିଂ କମ୍ପାନୀର ଦ୍ୱିତଳ ଗୃହରେ ପାଲା ଗାୟକ, ସଙ୍ଗୀତଜ୍ଞ, ବାଦକ ଓ ମିତ୍ର ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟ କରୁଥିଲେ। ଆମନ୍ତ୍ରିତ ବନ୍ଧୁମାନଙ୍କୁ ସେ ସମ୍ମାନର ସହିତ ଉପାଦେୟ ଭୋଜ୍ୟାଦି ପୂର୍ବକ ଉତ୍ତରୀୟ ପ୍ରଦାନ କରୁଥିଲେ। ଏହି ସଭାରେ ଆସୁ କବି ମାନଙ୍କୁ ଉଚ୍ଚ ପ୍ରଶଂସା କରୁଥଲେ। ସଙ୍ଗୀତ ଶିକ୍ଷା ଓ ଶ୍ରବଣ ଦ୍ୱାରା ଆତ୍ମା ପରମ ସୁଖ ଓ ଶାନ୍ତି ପ୍ରାପ୍ତ ହେବ ବୋଲି ତାଙ୍କର ଦୃଢ ବିଶ୍ୱାସ ଥିଲା।

ନାରୀ ସୃଷ୍ଟି କର୍ତ୍ତା ଓ ସନ୍ତାନର ପ୍ରଥମ ଗୁରୁ। ତେଣୁ ଗୌରୀଶଙ୍କର ନାରୀ ଶିକ୍ଷାକୁ ଗୁରୁତ୍ୱ ଦେବାପାଇଁ ୧୮୬୮ ମସିହାରେ ଏକ ଚାଳ ଘରେ ଛଅ ସାତ ଜଣ ବାଳିକାଙ୍କୁ ନେଇ, କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ କରିଥିଲେ। ପରିବର୍ତ୍ତୀ ମୂହୁର୍ତ୍ତରେ ତାହା ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରେ ନାମିତ ହେଲା। କୁମାରୀ ସରଳା ଦେବୀ ଝିଅ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ପରିବର୍ତ୍ତନର ପରାମର୍ଶ ଗୌରୀଶଙ୍କରଙ୍କୁ ଦେଇଥିଲେ। ସେହି ନିୟମ ଅନୁସାରେ ପ୍ରଥମ ବର୍ଷ ଅକ୍ଷର, ଦ୍ୱିତୀୟ ବର୍ଷ ଅଙ୍କ, ସଂଗୀତ ଓ କ୍ରୀଡ଼ା ଶିକ୍ଷା ଦିଆଯିବ। ତୃତୀୟ ବର୍ଷ ଘରକରଣାର ହିସାବ ପତ୍ର, ହିନ୍ଦୀ କହିବା ଓ ବୁଝିବା, ସିଲାଇ ଆଦି ଶିକ୍ଷା ଦିଆଗଲା। ଚତୁର୍ଥ ବର୍ଷରେ ବ୍ୟାକରଣ, ଭୂଗୋଳ, ହିନ୍ଦୀ ପାଠ, ଚିତ୍ର, ନକ୍ସା, ରନ୍ଧନ, ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଗଲା। ପଞ୍ଚମ ବର୍ଷରେ ଇଂରାଜୀ ସଂଯୋଜନା ଉପରେ ନକ୍ସା ଦିଆଗଲା। ଷଷ୍ଠ ବର୍ଷରେ ସଂସ୍କୃତ ଜ୍ଞାନରେ ତାଲିମ ଦିଆଗଲା। ସପ୍ତମ ବର୍ଷରେ ମୌଳିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଗଲା। ଗୌରୀଶଙ୍କର ପୌରାଣିକ ଉପାଖ୍ୟାନ, ଐତିହାସିକ ବୀରତ୍ୱ, ସାମାଜିକ ମୂଲ୍ୟବୋଧକୁ ନେଇ ସେ ପାଠ୍ୟକ୍ରମ ମାଧ୍ୟମରେ ନାରୀମାନଙ୍କୁ ଶିକ୍ଷା ଦେବା ପାଇଁ ପ୍ରଚେଷ୍ଟା କରିଥିଲେ। ୧୮୭୦ ମସିହାରେ ଗୌରୀଶଙ୍କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମ ମନ୍ଦିରର ଅନ୍ୟତମ ଟ୍ରଷ୍ଟି ଥାଇ ଏହାର ରକ୍ଷା ଓ ଉନ୍ନତି ପାଇଁ ଚିନ୍ତା ଓ ଯତ୍ନ କରୁଥିଲେ। ବସ୍ତୁତଃ ଗୌରୀଶଙ୍କର ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ସନାତନ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ। ଜନସାଧାରଙ୍କ ଉପକାର ସକାଶେ ସେ କଟକରେ ଟାଉନ ହଲ୍ ନିର୍ମାଣ କରିଥିଲେ।

୧୯୦୫ ମସିହାରେ କାୟସ୍ଥମାନଙ୍କ କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗ ଦେଶରେ ଆନ୍ଦୋଳନ ଆରମ୍ଭ ହେଲା। ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି ଥିଲେ। କାୟସ୍ଥ ମାନେ ଗୌରୀଶଙ୍କରଙ୍କ ନେତୃତ୍ୱରେ ଉପବୀତ ଧାରଣ କଲେ। ସେଥିପାଇଁ କାୟସ୍ଥ ସମାଜ ତାଙ୍କୁ ସମାଜଚ୍ୟୁତ କରିଥିଲା। ଏକ ବର୍ଷ ପରେ କାୟସ୍ଥ ସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ। ଗୌରୀଶଙ୍କରଙ୍କ ନାତୁଣୀ ଶ୍ରୀମତୀ ଶୈଳବାଳା ଅଳ୍ପ ବୟସରେ ବିଧବା ହୋଇଥିଲେ। ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା ବିଦ୍ୟାଳୟରେ ତାହାର ପଢାପଢିର ବ୍ୟବସ୍ଥା କରିଥିଲେ। ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯାତନାର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ ପାଇଁ କାୟସ୍ଥମାନେ ଚେଷ୍ଟା କରିଥିଲେ। ଗୌରୀଶଙ୍କର ତାଙ୍କ ନୀତିରେ ଅଟଳ ରହିଥିଲେ। ୧୯୧୬ ମସିହାରେ ଗୌରୀଶଙ୍କର ରାୟ ବାହାଦୂର ଉପାଧି ପାଇଥିଲେ। ୧୯୧୭ ମସିହା ମାର୍ଚ୍ଚ ମାସ ୫ ତାରିଖ ପ୍ରେସ୍ ଘରେ ସେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ, ମାର୍ଚ୍ଚ ୭ ତାରିଖ ରାତ୍ର ୯.୩୦ ମିନିଟ୍ ରେ ଓଡ଼ିଆ ଜାତିର କର୍ମ ପୁରୁଷ, ଓଡ଼ିଆ ଭାଷାର ପ୍ରାଣ କେନ୍ଦ୍ର, ବାଗ୍ମୀ ପୁରୁଷ ସବୁଦିନ ପାଇଁ ଆଖି ବୁଜି ଦେଲେ। ଗୌରୀଶଙ୍କରଙ୍କ ଅମ୍ଳାନ ପ୍ରତିଭା ତଥା କୀର୍ତ୍ତି ତାଙ୍କୁ ଚିର ଅମର କରି ରଖିବ। ଏ ଜାତି ଏ ଭାଷା ବଂଚିଥିବା ପର୍ଯ୍ୟନ୍ତ ତାଙ୍କର ଗୁଣଗାନ ଜୟ ଜୟକାର କରୁଥିବ।

# ଗ୍ରାମୀଣ ସଭ୍ୟତାରେ ପବିତ୍ର ଓଡ଼ିଆ ଭାଗବତ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

ବାସ୍ତବିକ ଭାଗବତ ଏକ ତାତ୍ତ୍ୱିକ ଗ୍ରନ୍ଥ। ଭାଗବତ ଯଥାର୍ଥରେ ଜ୍ଞାନର ଭଣ୍ଡାର ଓ ଭକ୍ତିର ଆଧାର। ଓଡ଼ିଆରେ ରଚିତ ବହୁ କାବ୍ୟ, ମହାକାବ୍ୟ ମଧ୍ୟରେ ଶ୍ରୀମଦ ଭାଗବତର ପ୍ରଭାବ ଅପ୍ରତିହିତ। ଓଡ଼ିଆର ଜୀବନ ଚଳଣିରେ ତଥା ପ୍ରତି ପାଦରେ ଭାଗବତ ନବାକ୍ଷରୀ ପଦ ଓତପ୍ରୋତ ଜଡ଼ିତ। ଗ୍ରାମ୍ୟ ଜୀବନର ସନ୍ଧ୍ୟା କାଳୀନ ଭାଗବତ ଟୁଙ୍ଗୀରେ ଭାଗବତ ଶ୍ରବଣ ଅତୀବ ମନୋରମ। ଓଡ଼ିଆ ଭାଗବତର ମଙ୍ଗଳାଚରଣ ଭାଗବତ ପଢ଼ା ଆରମ୍ଭରୁ ସମୂହ ଉଚ୍ଚାରଣ ଅତ୍ୟନ୍ତ ଆନନ୍ଦପ୍ରଦ। ସେଥିରୁ ମୁଖ୍ୟ ପଦ ହେଲା - 'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ। ପଦୁ ଗଳୁଛି ମକରନ୍ଦ ।।' ଏହି ପଦରେ 'ଗୋବିନ୍ଦ' ନାମ ତିନି ଥର କାହିଁକି ଲେଖା ଯାଇଛି ଏହାର ଆଲୋଚନା ଅନେକ ବ୍ୟକ୍ତି ଭିନ୍ନ ଭିନ୍ନ ଭାବରେ ଅର୍ଥ ପ୍ରକାଶ କରନ୍ତି। ବାସ୍ତବରେ ଏହି ନାମକୁ ତିନିଥର ଲେଖିବାର ଅତିବଡ଼ି ଜଗନ୍ନାଥ ଦାସଙ୍କର କିଛି ଉଦ୍ଦେଶ୍ୟ ଅଛି ବୋଲି ପରିଲିଖିତ ହୁଏ ନାହିଁ। କିନ୍ତୁ ତିନି ତତ୍ତ୍ୱକୁ ନେଇ ସୃଷ୍ଟିର ଅନେକ ମୂଳ ଉପାଦାନ ରହିଛି ଯଥା, ସ୍ଥୂଳ- ସୂକ୍ଷ୍ମ- କାରଣ ହେଉଛି ତ୍ରି ଶରୀର, ସତ୍ତ୍ୱ - ରଜ- ତମ ହେଉଛି ତ୍ରିଗୁଣ , ବିରାଟ - ହିରଣ୍ୟଗର୍ଭ - ଈଶ୍ୱର ହେଉଛି ସମଷ୍ଟି ସୃଷ୍ଟି ଇତ୍ୟାଦି ଇତ୍ୟାଦି।

ଭଗବାନ ବ୍ୟାସଦେବଙ୍କ ଦ୍ୱାରା ରଚିତ "ଶ୍ରୀମଭାଗବତ " ମହାପୁରାଣରେ ପରମ ଧର୍ମ ଓ ବିଶୁଦ୍ଧ ଜ୍ଞାନ ହିଁ ନିରୂପଣ କରାଯାଇଛି। ଏହି "ଭାଗବତଧର୍ମ " ଆମ୍ଭମାନଙ୍କୁ ଜନ୍ମମୃତ୍ୟୁରୁ ଉଦ୍ଧାର କରି ମୋକ୍ଷ ପ୍ରଦାନ କରାଇଥାଏ। ଯେଉଁ ସନ୍ଥଜନଙ୍କ ମନରେ କୌଣସି ପ୍ରକାର ବିକାର ନଥାଏ, ସେହି ଶୁଦ୍ଧହୃଦୟ ପୁରୁଷ ହିଁ ଏହି ତତ୍ତ୍ୱ ଜାଣିପାରନ୍ତି। ଏହା ତ୍ରିବିଧ ତାପକୁ ସମୂଳେ ନାଶ କରି ପରମ କଲ୍ୟାଣ ସାଧନ କରିଥାଏ। ବ୍ୟାସଦେବଙ୍କଦ୍ୱାରା ରଚିତ ସଂସ୍କୃତ ଶ୍ରୀମଦ ଭାଗବତ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଆଦୃତ ହୋଇପାରିନଥିଲା। ଜଗନ୍ନାଥ ଦାସଙ୍କ ପିତା ଭଗବାନ ଦାସ ବଡ଼ଦେଉଳରେ ପୁରାଣପଣ୍ଡା ଥିଲେ। ତାଙ୍କ ପରେ ଜଗନ୍ନାଥ ଦାସ ପୁରାଣପଣ୍ଡା ହେଲେ। ସେ ସଂସ୍କୃତ ଭାଗବତକୁ ସରଳ ଭାଷାରେ ବୁଝାଇ ଦେଉଥିଲେ। ଜଗନ୍ନାଥଙ୍କ ବୋଉ ଓଡ଼ିଆ ଭାଷାରେ ପଦ୍ୟରୂପରେ ଶୁଣିବା ପାଇଁ ପୁଅକୁ ନିର୍ଦ୍ଦେଶ ଦିଅନ୍ତି। ବିଧବା ମା' ବାର୍ଦ୍ଧକ୍ୟର ପୁଣ୍ୟ ସଞ୍ଚୟ ଆଶାରେ କୃଷ୍ଣଚରିତ ଶୁଣିବାକୁ ଆଶାୟୀ ହେବାରୁ ଜଗନ୍ନାଥ ଦାସ ଜନନୀର ଅଭିଳାଷ ପୂରଣ ନିମନ୍ତେ ଅଧ୍ୟାୟେ ଅଧ୍ୟାୟେ ପଦ୍ୟାନୁବାଦ ଶୁଣାଇବାକୁ ଲାଗିଲେ। ସେହି ପଦ୍ୟାନୁବାଦ ଭାଗବତ ଗ୍ରନ୍ଥର ରୂପ ନେଲା। ଜଗନ୍ନାଥ ଦାସ ଗୋସ୍ୱାମୀ ବଟ ଗଣେଶଙ୍କ ନିକଟରେ ବସି ସଂସ୍କୃତ ଭାଗବତକୁ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ରଚନା କରିଥିଲେ।

ତେବେ ପ୍ରଶ୍ନ ମନରେ ଉଠେ ଗୋବିନ୍ଦ କିଏ ? ଗୋ - ଶବ୍ଦର ଅର୍ଥ ବେଦ ଜ୍ଞାନ ବା ତତ୍ତ୍ୱ ଜ୍ଞାନ। ଯେ ବେଦ ବା ତତ୍ତ୍ୱ ଜ୍ଞାନରେ ଉପଲବ୍ଧି ହୁଅନ୍ତି ,ସେ ହେଉଛନ୍ତି ଗୋବିନ୍ଦ। ଗୋ - ଶବ୍ଦର ଅର୍ଥ ପୃଥିବୀ ମଧ୍ୟ। ଯିଏ ପୃଥିବୀରେ ରସ ସ୍ୱରୂପ ହୋଇ ବନସ୍ପତି ମାଧ୍ୟମରେ ସମସ୍ତ ପ୍ରାଣୀଙ୍କର ଉଦର ପୋଷଣ ଓ ଔଷଧ ଦ୍ୱାରା ରୋଗ କଷ୍ଟ ନିବାରଣ କରନ୍ତି ସେ ହେଇଛନ୍ତି ଗୋବିନ୍ଦ। ଗୋ – ଶବ୍ଦର ଅର୍ଥ ଗୋମାତା ଗାଈ। ଯିଏ ନିଜର ସର୍ବସ୍ୱ ଦେଇ ଅନ୍ୟର ଉପକାର କରିଥାଏ, ସେ ମଧ୍ୟ ଗୋବିନ୍ଦ। କାରଣ ଶ୍ରୀକୃଷ୍ଣଙ୍କ ଜୀବନରେ ଗୋମାତାଙ୍କ ଅବଦାନ ସଂସାରକୁ ଅନେକ ଦିଗଦର୍ଶନ ଦେଉଅଛି। ଗୋ - ଶବ୍ଦର ଅର୍ଥ ଗୋକୁଳ ବା ଗୋଲୋକ। ଶ୍ରୀକୃଷ୍ଣଙ୍କ ତ୍ରିପାଦ ବିଭୂତି ବା ଅମୃତ - ତ୍ରୀ ଶବ୍ଦରେ ଗୋଲକ ଧାମରେ ଗୋକୁଳ, ମଥୁରା ଓ ଦ୍ୱାରିକାକୁ ବୁଝାଇ ଥାଏ। ଏହି ତିନି ଲୋକରେ ଶ୍ରୀକୃଷ୍ଣ ସହଜ, ନିତ୍ୟସ୍ଥିତ ଓ ନିତ୍ୟଧାମରେ ଆହ୍ଲାଦିନୀ ଶକ୍ତି ସ୍ୱରୂପା ଶ୍ରୀରାଧାଙ୍କ ସହିତ ନିତ୍ୟରାସରେ ବିରାଜିତ। ଜୀବର ପାଦ ଗୋବିନ୍ଦ - କଣ୍ଠ ଗୋବିନ୍ଦ - ସହସ୍ରା ର ଗୋବିନ୍ଦ। ଗୋ + ବିନ୍ଦ = 'ଗୋ' - ଶବ୍ଦର ଅନେକ ଅର୍ଥ ରହିଛି କିନ୍ତୁ 'ବିନ୍ଦ' - ର ଅର୍ଥ ଆନନ୍ଦ। ଅର୍ଥାତ ସମସ୍ତ ଗୋ- ଅର୍ଥରେ ଈଶ୍ୱର ଆନନ୍ଦ ଯୁକ୍ତ ହୋଇ ସର୍ବ ପ୍ରାଣୀଙ୍କ ଇନ୍ଦ୍ରିୟରେ ଯେଉଁ ସୁଖ ପ୍ରଦାନ କରନ୍ତି, ସେ ହେଉଛନ୍ତି ଗୋବିନ୍ଦ। ଏହିପରି ଅନେକ ତତ୍ତ୍ୱ ନେଇ ଭଗବାନଙ୍କ ତିନି ଗୋବିନ୍ଦ ନାମରେ ନିଜର ଭାବ ଅନୁସାରେ ବ୍ୟକ୍ତି ଅର୍ଥ କରିଥାନ୍ତି। କିନ୍ତୁ ଅନେକ ପଣ୍ଡିତ ଏହି ତିନି ନାମକୁ ନେଇ କୁହନ୍ତି ତିନି ଜଣ ମହାନ ବ୍ୟକ୍ତି ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଗୋବିନ୍ଦ ନାମ ପ୍ରଦାନ କରିଥିବାରୁ ଅତିବଡ଼ି ଜଗନ୍ନାଥ ଦାସ ତିନୋଟି ଗୋବିନ୍ଦ ଉଲ୍ଲେଖ କରିଛନ୍ତି।

# କଥା ଓ ବ୍ୟଥାରେ ଅନ୍ତର୍ଜାତୀୟ ମହିଳା ଦିବସ



**ଜୟଶ୍ରୀ ପଟ୍ଟନାୟକ**
ଗଙ୍ଗନଗର, ଭୁବନେଶ୍ୱର
ମୋ : ୭୭୮୧୧୦୪୭୪

ସମାଜରେ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ଯଦି ପୁରୁଷଟିଏ ସମାଜରେ ସବୁ ସ୍ୱାଧୀନତା ପାଇ ବଂଚିପାରୁଛି, ନିଜ ଇଚ୍ଛା ମୁତାବକ ଜୀବନ ଜିଇଁ ପାରୁଛି ତେବେ ନାରୀଟିଏ ଘରର ଯାବତୀୟ କାମ ଧନ୍ଦା ବୁଝି, ଦୈନନ୍ଦିନ ଜୀବନର ରୁଟିନ ବନ୍ଧା କାର୍ଯ୍ୟାବଳୀକୁ ସହଜରେ ତୁଲେଇ ପାରୁଛି, ସମସ୍ତଙ୍କର ମନକଥା ବୁଝି ଆବଶ୍ୟକତାକୁ ପୂରଣ କରିପାରୁଛି ତେବେ ସେ କାହିଁକି ସମାଜରେ ଅବହେଳିତ ହେବ। ସେ ସ୍ନେହମୟୀ, କରୁଣାମୟୀ, ମମତାମୟୀ। କେତେବେଳେ ଜନନୀ ତ କେତେବେଳେ ଭଗିନୀ କେତେବେଳେ ଜାୟା ତ କେତେବେଳେ ଅଳିଅଳି କନ୍ୟା ରୂପରେ ଆବିର୍ଭୁତା। ସେ ପ୍ରେରଣାଦାୟୀ ଅନ୍ୟକୁ ପ୍ରେରଣା ଦେଇ ଆଗକୁ ଚଲାଏ। ସେ ସର୍ବଂସହା ହୋଇ ସବୁ କଥା ସହି, ସବୁ ବାଧା ସହି ସନ୍ତାନକୁ ଜନ୍ମ ଦେବାଠାରୁ ତାକୁ ଲାଳନ ପାଳନ କରିବା,ଶିକ୍ଷା ଦେବା, ଭଲ ମଣିଷ କରି ସମାଜରେ ଗଢିବା ପର୍ଯ୍ୟନ୍ତ ତାର ପ୍ରତ୍ୟେକଟି କଥାରେ ଅବଦାନ ଅତୁଳନୀୟ। ସେଥିପାଇଁ ତାକୁ ତାର ମାତୃଶକ୍ତିର ମହନୀୟ ଗୁଣ ସବୁକୁ କୋଉଠି ମାଆ ହୋଇ କୋଉଠି ଭଉଣୀ ହୋଇ କୋଉଠି ପତ୍ନୀ ହୋଇ କୋଉଠି କନ୍ୟା ହୋଇ ଦେଖେଇବାକୁ ପଡିଥାଏ। ଏସବୁ ଗୁଣକୁ ଦେଖାଇଲା ବେଳେ ସେ ବେଳେବେଳେ ନିର୍ଯାତନା ର ଶିକାର ହୁଏ, ତାକୁ ଅବହେଳା କରାଯାଏ। ତାକୁ ଘରର ଚାରିକୋଣ ଭିତରେ ରଖି ତାର ସ୍ୱାଧୀନତାକୁ ଦାବି ଦିଆଯାଏ ଫଳରେ ତାର ସୃଜନଶୀଳ ବିକାଶ, ଶିକ୍ଷା, ବୁଦ୍ଧି ପ୍ରସାର ଦିଗରେ ଅନ୍ତରାୟ ସୃଷ୍ଟି ହୁଏ। ତାକୁ ଯୌତୁକ ଜୁଇରେ ଜଳିବାକୁ ପଡେ, ଦୁଷ୍କର୍ମର ଶିକାର ହୋଇ ଜୀବନ ହାରିବାକୁ ପଡେ, କନ୍ୟା ଜନ୍ମ ହେବା ପୂର୍ବରୁ ଗର୍ଭରେ କଣ ଅଛି ଜାଣି ତାକୁ ଜନ୍ମ ହେବା ଆଗରୁ ହତ୍ୟା କରାଯାଏ। କନ୍ୟା ସନ୍ତାନ ଜନ୍ମ କଲେ ଆଣ୍ଠୁକୁଡିର ଆଖ୍ୟା ଦିଆଯାଏ। ଦେଖାଯାଏନି ସକାଳରୁ ସଞ୍ଜ ମେସିନ ପରି କରୁଥିବା ଘରର କାମ କି ଦେଖାଯାଏନି ଖାଦ୍ୟ ରୋଷେଇ କରି ପରଶିବା ଠାରୁ ଛୁଆର ଯତ୍ନ ନେବା, ପାଠ ପଢ଼ାଇବା, ଛୁଆକୁ ବିଦ୍ୟାଳୟକୁ ପଠାଇବା, କଣ ଖାଇଲା କଣ ନାହିଁ, ସନ୍ତାନ ରୋଗରେ ପଡିଲେ କି ଘରର କୌଣସି ସଦସ୍ୟଙ୍କ ଦେହ ଖରାପ ହେଲେ ରାତି ଅନିଦ୍ରା ହୋଇ ତା ପାଖରେ ସେବା କରିବା, ତା ଭଲ ମନ୍ଦ ବୁଝିବା କଥା। ଅନେକ ସମୟରେ ତାକୁ ଅବହେଳା କରାଯାଏ। ତାର ସ୍ୱାଧୀନତା କ୍ଷୁର୍ଣ୍ଣ କରାଯାଏ, ତାକୁ ତାର ସାମାନ୍ୟ ଭୁଲ ପାଇଁ ଅପମାନିତ କରାଯାଏ, ଶାରୀରିକ ନିର୍ଯାତନା ଦିଆଯାଏ। ସେ ଅବଳା ସତ କେବଳ ଶାରୀରିକ ଗଠନ ଦୃଷ୍ଟିରୁ କିନ୍ତୁ ସେ ଦୁର୍ବଳ ମନା ନୁହେଁ ସେ ସବୁ କାମ କରିବାକୁ ସକ୍ଷମ ହେତୁ ସବଳା। ଆମକୁ ଧରିନେବାକୁ ହେବ ଯେ ସେ ବି ଜଣେ ରକ୍ତ ମାଂସର ଶରୀର ଧାରୀ ମଣିଷ। ଯଦି ଆମକୁ ଆଘାତ ଲାଗିଲେ କିମ୍ବା କିଏ କଷ୍ଟ ଦେଲେ କଷ୍ଟ ଅନୁଭୂତ ହୁଏ, ସ୍ୱାଧୀନତାକୁ ଛଡେଇ ନେଲେ କଷ୍ଟ ହୁଏ ମନରେ ତେବେ ସେ ବା କେମିତି ରକ୍ତ ମାଂସ ଦେହ ଧାରଣ କରି ସେସବୁ କଥା ସହିପାରିବ। ସେ ସମାଜରେ ପୂଜନୀୟା, ବନ୍ଦନୀୟା। ବୈଦିକ ଯୁଗରୁ ଆଜିଯାଏଁ ତାକୁ ସମ୍ମାନ ଦିଆଯାଇ ଆସୁଅଛି। କୁନ୍ତୀ, ଗାର୍ଗୀ, ବିଶ୍ୱବାରା, ମୈତ୍ରେୟୀ, ମୀରା, ଲକ୍ଷ୍ମୀବାଈ, ସୀତା, ଦ୍ରୌପଦୀଙ୍କ ବୀରତ୍ୱ, ପାଣ୍ଡିତ୍ୟ, ସହନଶୀଳତା ଆଜିବି ସମାଜ ଭୁଲିନାହିଁ। ବର୍ତ୍ତମାନର ସମାଜରେ ନାରୀଟିଏ ଘରର ଯାବତୀୟ କାମ କରି ବାହାରକୁ ଯାଇ ଚାକିରି କରିପାରୁଛି। ନିଜ ଇଚ୍ଛା ମୁତାବକ ଜୀବିକା ଗ୍ରହଣ କରି ପରିବାରକୁ ପୋଷି ପାରୁଛି, ସ୍ୱାମୀକୁ ଆର୍ଥିକ କ୍ଷେତ୍ରରେ ସହଯୋଗ କରିପାରୁଛି। ସଂସାର ଚଳେଇବା କ୍ଷେତ୍ରରେ ସହାୟତା କରିପାରୁଛି। ସମସ୍ତଙ୍କର ମନକୁ ନିଜ ସ୍ନେହ, ମମତାରେ କିଣିପାରୁଛି। ସେ ଆଉ ଘର କୋଣର ଅବଗୁଣ୍ଠନ ବତୀ ରମଣୀ ନ ହୋଇ ଇନ୍ଦିରା ଗାନ୍ଧୀ, ପ୍ରତିଭା ପାଟିଲ, ଦ୍ରୌପଦୀ ମୁର୍ମୁଙ୍କ ପରି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ପଦ ମାନଙ୍କରେ ଅଭିଷିକ୍ତା ହୋଇ ଦେଶକୁ ଚଳେଇ ପାରୁଛି। ଏହା ପଛରେ ରହିଛି ପରିବାରର ସ୍ୱାଧୀନତା, ସମର୍ଥନ, ନିଜର ଶିକ୍ଷା ଦୀକ୍ଷା, କାର୍ଯ୍ୟ କରିବାର ଦକ୍ଷତା କ୍ଷମତା, ଉତ୍ତମ ସ୍ୱାସ୍ଥ୍ୟ ଇତ୍ୟାଦି ଇତ୍ୟାଦି। ଯୋଉଥିପାଇଁ ସମାଜ ତାକୁ ସମ୍ମାନ ଦେଇ ତାକୁ ସଫଳତାର ଶୀର୍ଷରେ ବସାଇ ପାରିଛି। ଆଜିବି ନାରୀ ପୁରୁଷର ସମକକ୍ଷ ହୋଇ ସବୁ କାମ ପୁରୁଷଙ୍କପରି କରିପାରୁଛି। ସେ ସୃଷ୍ଟି କାରିଣୀ, ପାଳନ କାରିଣୀ, ସଂହାର କାରିଣୀ ଗୃହଲକ୍ଷ୍ମୀ। ଟିକିଏ ଆଦର ଓ ସମ୍ମାନ ପାଇଲେ ସେ ଭଲ ଭାବରେ ନିଜକୁ ବିକଶିତ କରାଇ ସଫଳତାର ଶୀର୍ଷରେ ପହଞ୍ଚି ପାରୁଛି।

ତେଣୁ ଆଜି କନ୍ୟା ଅଲୋଡ଼ା ନୁହେଁ ବରଂ ଘରର ରତ୍ନ ବୋଲି ଭାବିବା ଦରକାର। କନ୍ୟା ଜନ୍ମ ପରଘରକୁ ନ ଭାବି ଉପଯୁକ୍ତ ଶିକ୍ଷା ପ୍ରଦାନ କରି ପୁରୁଷର ସମକକ୍ଷ କରାଇବା ଦିଗରେ ସହାୟକ ହେବା ଉଚିତ। ତାକୁ ଅପପୁଷ୍ଟିର ଊର୍ଦ୍ଧ୍ୱରେ ରଖିବା ଉଚିତ ତା ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ। ଗୋଟିଏ କନ୍ୟା ସନ୍ତାନକୁ ଶିକ୍ଷା ଦେଲେ ପରିବାରକୁ ଶିକ୍ଷା ଦେବା ପରି ଲାଗେ କାରଣ ସେ ଦୁହିତା ଦୁଇ କୂଳକୁ ସେ ଉଜ୍ଜ୍ୱଳ କରିଥାଏ। ତାକୁ ଯଦି ଆମେ ଯୌତୁକ ପାଇଁ ନିର୍ଯାତନା ଦେବା, ଦୁର୍ବ୍ୟବହାର କରିବା, ଅପମାନିତ କରିବା ତାର ପରିବାରକୁ କଟାକ୍ଷ କରିବା ତେବେ ସେସବୁ କରିବା ଦ୍ୱାରା ନିଜେ ନିଜର ଧ୍ୱଂସକୁ ଟାଣି ଆଣିବା। ସେ ଗୃହର ଲକ୍ଷ୍ମୀ ତାର ସ୍ୱାସ୍ଥ୍ୟ ପ୍ରତି, ଶିକ୍ଷା ପ୍ରତି ଯତ୍ନ ନେଲେ ସେ ଅଚିରେ ସଫଳତାର ସିଢ଼ି ଚଢ଼ିପାରିବ। ସେ ଆଜି ରାଜନୈତିକ, ଅର୍ଥନୈତିକ, ସାମାଜିକ ସବୁ କ୍ଷେତ୍ରରେ ସକ୍ଷମ। ସେ ଦକ୍ଷ ପ୍ରଶାସିକା ହୋଇ ପ୍ରଶାସନ କାର୍ଯ୍ୟ ସୁଚାରୁରୂପେ ତୁଲେଇ ପାରୁଛି, ପରିବାରକୁ ଚଳେଇବାରେ ସିଦ୍ଧହସ୍ତା ହୋଇପାରୁଛି, ସ୍ୱାମୀକୁ ସହଯୋଗ କରିପାରୁଛି, ପରିବାରର ଯତ୍ନ, ସନ୍ତାନର ଯତ୍ନ ନେଇପାରୁଛି। ଏସବୁ କାର୍ଯ୍ୟ ତୁଲେଇଲା ବେଳେ କୋଉଠି ନା କୋଉଠି ତ୍ରୁଟି ରହିଯାଏ ସେ ତ୍ରୁଟିସବୁକୁ ସୁଧାରିବା ବେଳେ ତା ପ୍ରତି କର୍କଶ ମନୋଭାବ ନରଖି ଶାନ୍ତ ଭାବରେ ତାକୁ ତାର ଭୁଲ ଦର୍ଶାଇବା କ୍ଷେତ୍ରରେ ସ୍ନେହ, ଶ୍ରଦ୍ଧା ଓ ଆଦର, ସମ୍ମାନ ଅବଲମ୍ବନ କରିବା ଉଚିତ। କାର୍ଯ୍ୟ କ୍ଷେତ୍ରରେ ଯୌନ ଶୋଷଣର ସାମଗ୍ରୀ ନ ଭାବି ନିଜ ଘରର ସଦସ୍ୟ ପରି ଦେଖିବା ଉଚିତ। ତା ଭଲ ପାଇବା ମନକୁ କୁଠାରଘାତ ନ କରି ତାକୁ ନ ଠକି ତା ପ୍ରତି ସୁନ୍ଦର ଆଚରଣ କରିବା ଉଚିତ। ତାକୁ ଏକାନ୍ତରେ ଦେଖି ଜଣେ ବସ୍ତୁ ବୋଲି ଭାବି ତା ସହିତ ଖରାପ ଆଚରଣ କରି ତା ଠାରୁ ସବୁ ଲୁଟି ନେବା ଅନୁଚିତ ବରଂ ଅନ୍ଧକୁ ବାଡ଼ିର ସହାୟତା ପ୍ରଦାନ କରି ରାସ୍ତା ଦେଖାଇବା ଭଳି ତାକୁ ଆଲୋକିତ ପଥ ଦେଖାଇବା ଉଚିତ। କନ୍ୟା ଭୃଣ, ଅପପୁଷ୍ଟି, ବଧୂ ହତ୍ୟା, ଯୌତୁକ ଜନିତ ହତ୍ୟା, ଯୌନ ଶୋଷଣ, ଲୋକ ଲଜ୍ଜା ପରି ଶବ୍ଦ ମାନ ତା ଜୀବନ ଅଭିଧାନ ରୁ ହଟାଇ ପାରିଲେ ଯାଇ ଆମେ ଗୋଟିଏ ସୁନ୍ଦର ନାରୀ ସମାଜ କୁ ଚଳ ଚଞ୍ଚଳ ହେବାର ଦେଖିପାରିବା। ସେ କାଲି ବି ସଶକ୍ତ ଥିଲା ଆଜିବି ସଶକ୍ତ ଏବଂ ଆଗାମୀ କାଲି ବି ସଶକ୍ତ ହୋଇ ସମାଜକୁ ତାର ଅବଦାନ ଦେଇପାରିବ ତେଣୁ ତାକୁ ସକ୍ଷମ, ସମର୍ଥ ସଶକ୍ତ କରିବା ପାଇଁ ପ୍ରତିବର୍ଷ ପାଳନ ହୁଏ ବିଶ୍ୱ ମହିଳା ଦିବସ ୧୯୭୭ ମସିହା ମାର୍ଚ୍ଚ ମାସ ୮ ତାରିଖ ଦିନ। ବହୁ କଳ୍ପନା ଜଳ୍ପନା ପରେ ଜାତିସଙ୍ଘ ର ଅନୁମତି କ୍ରମେ ପ୍ରତିବର୍ଷ ପାଳନ ହୋଇଆସୁଛି ଏହି ଦିବସ। ପ୍ରଥମେ ଅନ୍ତର୍ଜାତୀୟ କର୍ମଜୀବି ମହିଳା ଦିବସ କୁହାଗଲା। ୧୯୧୧ ମାର୍ଚ୍ଚ ୧୯ରେ ଜର୍ମାନୀ, ଅଷ୍ଟ୍ରିଆ, ଡେନମାର୍କ ଓ ସୁଇଜରଲ୍ୟାଣ୍ଡ ରେ ପ୍ରଥମେ ଏହି ଦିବସ ପାଳିତ ହେଉଥିଲା। ୧୯୧୩ ମାର୍ଚ୍ଚ ୮ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଲା। ୧୯୭୫ ଜାତିସଙ୍ଘ ପକ୍ଷରୁ ପାଳିତ ହେବାର ସ୍ୱୀକୃତି ପରେ ୧୯୭୭ ମାର୍ଚ୍ଚ ମାସ ୮ ତାରିଖରୁ ଅଦ୍ୟାବଧି ପାଳିତ ହୋଇ ଆସୁଅଛି ତେବେ ୨୦୧୩ ମସିହାରୁ ମହିଳା ଦିବସ ର ଆହ୍ୱାନ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ନେଇ ରଖାଯାଇ ଥାଏ। ମାତୃଶକ୍ତିର ଅପାର ମହନୀୟ ଗୁଣକୁ ଅନୁଭବ କରି ସେମାନଙ୍କୁ ରାଜନୈତିକ, ଅର୍ଥନୈତିକ, ସାମାଜିକ କ୍ଷେତ୍ରରେ ଆହୁରି ସଶକ୍ତ କରିବା ପାଇଁ, ସେମାନଙ୍କ ଉପରେ ହେଉଥିବା ଅମାନବୀୟ ଅତ୍ୟାଚାର, ହିଂସା, ହତ୍ୟା, ଶୋଷଣ ରୋକିବା ପାଇଁ ସମାଜରେ ସଚେତନ କରାଯାଏ। ଭାରତର ପ୍ରଥମ ନାରୀ ଗଭର୍ଣ୍ଣର ସରୋଜିନୀ ନାୟଡୁ ଙ୍କ ଜନ୍ମଦିବସ ଉପଲକ୍ଷେ ଫେବୃଆରୀ ମାସ ୧୩ ତାରିଖରେ ପାଳିତ ହୁଏ ମହିଳା ଦିବସ। ସେ ୧୮୯୭ ଫେବୃଆରୀ ମାସ ୧୩ ତାରିଖରେ, ହାଇଦ୍ରାବାଦ ରେ ଜନ୍ମଗ୍ରହଣ କରିଥିଲେ। ନାରୀ ଈଶ୍ୱର ସୃଷ୍ଟିର ଅନନ୍ୟ ବିଭବ। ସମାଜର ବିକାଶ କ୍ଷେତ୍ରରେ ତାର ଅବଦାନ ଯଥାର୍ଥ ରହିଛି। ଇତିହାସ, ଶିକ୍ଷା, ଧର୍ମ, କଳା, ଖେଳ କ୍ଷେତ୍ରରେ ତାର ଅବଦାନ ରହିଆସିଛି। ଅନେକ ଆଇନ ତାର ସମ୍ମାନ ରକ୍ଷା ଓ ଅଧିକାର ପାଇଁ କାର୍ଯ୍ୟକାରୀ ହୋଇଆସୁଛି କିନ୍ତୁ ସେଗୁଡିକ ଆଶାଜନକ ନୁହେଁ। ଏତେ ସତ୍ତ୍ୱେ ବି ସମାଜରେ ବଢିଚାଲିଛି ତା ପ୍ରତି ଅମାନବୀୟ ଅତ୍ୟାଚାର। ସଭା ସମିତି ରେ ନାରୀ ନାରାୟଣୀ ବୋଲି ଭାଷଣ ଦେଲେ ହେବନାହିଁ। ଆମକୁ ସମାଜର କୁସଂସ୍କାର ବିରୁଦ୍ଧରେ ସ୍ୱର ଉଠାଇବାକୁ ହେବ। ବାଲ୍ୟ ବିବାହ, କନ୍ୟା ଭୃଣ ହତ୍ୟା, ଅଳ୍ପ ଶିକ୍ଷା, ପରାଧୀନତାର ବେଡିରୁ ତାକୁ ଉଦ୍ଧାର କରିବା ଉଚିତ। ନିର୍ବାଚନରେ ସେମାନଙ୍କ ପାଇଁ ଅଧିକ ଆସନ ରଖିବା ଦ୍ୱାରା ନିଜର ଦାବୀକୁ ଉପସ୍ଥାପିତ କରି ସେମାନଙ୍କର ଅଭାବ ଅସୁବିଧାକୁ ଦୂରେଇ ପାରିବେ। ଉପଯୁକ୍ତ ସଚେତନତା ଓ ଜାଗରଣ ଫଳରେ ନାରୀ ଦିନେ ପୁରୁଷର ସମକକ୍ଷ ହୋଇ ପାରିବ ବୋଲି ଏବଂ ସବୁ କ୍ଷେତ୍ରରେ ସମାନ ମର୍ଯ୍ୟାଦା ପାଇପାରିବ ଏହି ଆହ୍ୱାନ ସହିତ ଆସନ୍ତୁ ପାଳିବା ମହିଳା ଦିବସ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# ଆଜି ଭାରତ-ନ୍ୟୁଜିଲାଣ୍ଡ ମୁହାଁମୁହିଁ

**ନୂଆଦିଲ୍ଲୀ**

ଭାରତ ଏବଂ ନ୍ୟୁଜିଲାଣ୍ଡ ଦଳ ୨୦୨୫ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ପାଇଁ ପ୍ରସ୍ତୁତ। ଏହି ମ୍ୟାଚ ରବିବାର ଦୁବାଇରେ ଅନୁଷ୍ଠିତ ହେବ। ଏହି ମ୍ୟାଚ ସମୟରେ ପାଗ ସଫା ରହିବ ବୋଲି ଆଶା କରାଯାଉଛି । ବର୍ଷା ହେବାର କୌଣସି ସମ୍ଭାବନା ନାହିଁ। ତେଣୁ ମ୍ୟାଚ ଠିକ ସମୟରେ ଆରମ୍ଭ ହୋଇପାରିବ। ଯଦି ଫାଇନାଲ ମ୍ୟାଚ ସମୟରେ ବର୍ଷା ହୋଇଥାନ୍ତା, ତେବେ ମ୍ୟାଚର ମଜା ନଷ୍ଟ ହୋଇଯାଇଥାନ୍ତା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଫାଇନାଲ ମ୍ୟାଚ ପାଇଁ ଏକ ରିଜର୍ଭ ଡେ ମଧ୍ୟ ରଖାଯାଇଛି।

ପାଣିପାଗ ୱେବସାଇଟ ଅନୁଯାୟୀ, ରବିବାର ଦୁବାଇରେ ହାରାହାରି ତାପମାତ୍ରା ୩୩ ଡିଗ୍ରୀ ସେଲସିୟସ ରହିପାରେ। ମ୍ୟାଚ ସମୟରେ ବର୍ଷା ହେବାର କୌଣସି ସମ୍ଭାବନା ନାହିଁ । ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ ଅପରାହ୍ନ ୨.୩୦ ରେ ଆରମ୍ଭ ହେବ। ଏହି ସମୟରେ ଆକାଶ ସଫା ରହିବ। ସାଧାରଣ ବେଗରେ ପବନ ବହିପାରେ। ଏପରି ପରିସ୍ଥିତିରେ ବୋଲରମାନେ ମଧ୍ୟ କୌଣସି ପ୍ରକାରର ସମସ୍ୟାର ସମ୍ମୁଖୀନ ହେବେ ନାହିଁ ବୋଲି ଆଶା କରାଯାଉଛି।



ଟୁର୍ଣ୍ଣାମେଣ୍ଟର ଶେଷ ମ୍ୟାଚ ପାଇଁ ରିଜର୍ଭ ଡେ ରଖାଯାଇଛି । ଯଦି ମ୍ୟାଚ ସମୟରେ ବର୍ଷା ହୁଏ, ତେବେ ଏହା ପରଦିନ ଖେଳାଯାଇପାରିବ। ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ପାଇଁ ରିଜର୍ଭ ଡେ ମାର୍ଚ୍ଚ ୧୦ ରଖାଯାଇଛି। ଯଦି ରିଜର୍ଭ ଡେରେ ମଧ୍ୟ ବର୍ଷା ଯୋଗୁ ମ୍ୟାଚ ପ୍ରଭାବିତ ହୁଏ, ତେବେ ସୁପର ଓଭର ମଧ୍ୟ କରାଯାଇପାରିବ।

ଭାରତ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ବହୁତ ଭଲ ପ୍ରଦର୍ଶନ କରିଛି । ପ୍ରଥମ ଗ୍ରୁପ ମ୍ୟାଚରେ ଟିମ ଇଣ୍ଡିଆ ବାଂଲାଦେଶକୁ ଖରାପ ଭାବରେ ପରାସ୍ତ କରିଥିଲା। ଭାରତ ପରେ ପାକିସ୍ତାନକୁ ପରାସ୍ତ କରିଥିଲା ଏବଂ ପରେ ଗ୍ରୁପ ମ୍ୟାଚରେ ନ୍ୟୁଜିଲ୍ୟାଣ୍ଡକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲେ । ଏବେ ପୁଣି ଥରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ଭେଟିବ।

## ବିରାଟ କୋହଲି ଆହତ, ଫାଇନାଲ ପୂର୍ବରୁ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ିଲା !



**ନୂଆଦିଲ୍ଲୀ**

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ଉଭୟ ଟିମ୍ ଏହାର ପ୍ରସ୍ତୁତିରେ ବ୍ୟସ୍ତ ଥିବା ବେଳେ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ାଇବା ଭଳି ଖବର ସାମ୍ନାକୁ ଆସିଛି। ଅଭ୍ୟାସ ସମୟରେ ବିରାଟ କୋହଲି ଆହତ ହୋଇଥିବା ଏକ ରିପୋର୍ଟରେ କୁହାଯାଇଛି।

ପାକିସ୍ତାନୀ ଗଣମାଧ୍ୟମର ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଆଇସିସି ଏକାଡେମୀରେ ଅଭ୍ୟାସ ସମୟରେ ବିରାଟ ଦ୍ରୁତ ବୋଲରଙ୍କୁ ଖେଳୁଥିବା ବେଳେ ଆଣ୍ଠୁରେ ଆଘାତ ଲାଗିଛି । ଏହାପରେ ସେ ଖେଳ ବନ୍ଦ କରିଥିବା ବେଳେ ଚିକିତ୍ସା ଚାଲିଛି। ଅନ୍ୟ ଖେଳାଳି ପରେ ଅଭ୍ୟାସ କରୁଥିବା ନଜର ଆସିଥିବା ବେଳେ ବିରାଟ ଆସି ନ ଥିବା ରିପୋର୍ଟରେ କୁହାଯାଇଛି।

ନିକଟରେ ଇଲଂଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମୁକାବିଲାରେ ଆଣ୍ଠୁରେ ଆଘାତ ଯୋଗୁ କୋହଲି ଖେଳିପାରି ନ ଥିଲେ। ଏଣୁ ଏବେର ଆଘାତ ଚିନ୍ତା ବଢ଼ାଇପାରେ। ତେବେ ଏହା ସେତେଟା ଗମ୍ଭୀର ନୁହେଁ ବୋଲି କୁହାଯାଉଛି । କୋହଲି ଫିଟ୍ ଅଛନ୍ତି ଏବଂ ମଇଦାନକୁ ଖେଳିବାକୁ ଆସିବେ ବୋଲି ଆଲୋଚନା ହେଉଛି।

ଚଳିତ ଟୁର୍ଣ୍ଣାମେଣ୍ଟ ଦେଖିଲେ କୋହଲି ଭାରତ ଲାଗି ସର୍ବାଧିକ ରନ୍ କରିଛନ୍ତି। ପାକିସ୍ତାନ ବିପକ୍ଷ ଟାର୍ଗେଟକୁ ପିଛା କରି ସେ ଅପରାଜିତ ୧୦୦ ରନ୍‌ର ଇନିଂସ ଖେଳିଥିଲେ। କୋହଲି ଏଯାବତ ୪ ଇନିଂସରେ ୨୧୭ ରନ୍ କରିଛନ୍ତି।

## ଚାମ୍ପିଅନ୍ସ ଟ୍ରଫି ପରେ ଅବସର ନେବେ କୋହଲି-ରୋହିତ ଶର୍ମା !

**ଦୁବାଇ**

ବିରାଟ କୋହଲି ଏବଂ ରୋହିତ ଶର୍ମା ଉଭୟ ମହାନ ଖେଳାଳି ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ପ୍ରାଧାନ୍ୟ ବିସ୍ତାର କରୁଛନ୍ତି । ବିରାଟ କୋହଲି ଭାରତ ପାଇଁ ସର୍ବାଧିକ ରନ କରିଛନ୍ତି ଏବଂ ସେ ପାକିସ୍ତାନ ବିପକ୍ଷରେ ଶତକ ଏବଂ ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରି ଟିମ ଇଣ୍ଡିଆକୁ ବିଜୟୀ କରାଇଛନ୍ତି । ଅନ୍ୟପକ୍ଷରେ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରିଛି। ଏବେ ନ୍ୟୁଜିଲାଣ୍ଡ ସହିତ ଟାଇଟଲ ମୁକାବିଲା ହେବାକୁ ଯାଉଛି ଏବଂ ଏହି ମ୍ୟାଚ ପୂର୍ବରୁ ଷ୍ଟାର ସ୍ପୋର୍ଟସ ରୋହିତ ଏବଂ ବିରାଟଙ୍କ ଏକ ଭିଡିଓ ପୋଷ୍ଟ କରିଛି । ଏହି ଭିଡିଓରେ ବିରାଟ କୋହଲି ଏବଂ ରୋହିତ ଶର୍ମା ପ୍ରଶଂସକମାନଙ୍କୁ ସେମାନଙ୍କର ସମ୍ପ୍ରତି



ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି । ଉଭୟ ଖେଳାଳି ପ୍ରଶଂସକଙ୍କ ଗୁରୁତ୍ୱ ବିଷୟରେ କହିଥିଲେ ଏବଂ ଦଳ ପକ୍ଷରୁ ଉନ୍ନତ ପ୍ରଦର୍ଶନ ପାଇଁ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ।

ବିରାଟ କୋହଲି କହିଛନ୍ତି, ଆମେ ସର୍ବଦା ପ୍ରଶଂସକଙ୍କ ସମର୍ଥନ ଏବଂ ପ୍ରେମକୁ ମୂଲ୍ୟ ଦେଉଛୁ ଏବଂ ଆଦର କରୁ । ଆପଣମାନେ ସବୁବେଳେ ଆମ ଦଳ ପଛରେ ଅଛନ୍ତି । ଆପଣଙ୍କର ସମର୍ଥନ ପାଇଁ ମୁଁ ସର୍ବଦା କୃତଜ୍ଞ । ଆମେ ସବୁବେଳେ ଆପଣଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ରହିବୁ ଏବଂ ଭାରତୀୟ ପତାକାକୁ ଉଚ୍ଚରେ ଉଡ଼ିବା ପାଇଁ ପଡ଼ିଆରେ ଯାହା ସମ୍ଭବ ତାହା ଦେଖିବୁ । ଆମେ ତୁମକୁ ଖୁସି ରଖିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବୁ।

ରୋହିତ ଶର୍ମା ମଧ୍ୟ ପ୍ରଶଂସକମାନଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ସମସ୍ତ ପ୍ରଶଂସକଙ୍କୁ ସେମାନଙ୍କ ସମର୍ଥନ ପାଇଁ ଧନ୍ୟବାଦ। ଆପଣଙ୍କ ସମର୍ଥନ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଆପଣ ସମର୍ଥନ କଲେ ଆମେ ସମସ୍ତେ ବହୁତ ଖୁସି ହେବୁ ଏବଂ ମୁଁ ନିଶ୍ଚିତ ଯେ ଆମେ ଆପଣଙ୍କୁ ନିରାଶ କରିବୁ ନାହିଁ ଏବଂ ଆମେ ଆମର ସର୍ବୋତ୍ତମ ଚେଷ୍ଟା କରିବୁ।

ଏହା ରୋହିତ ଏବଂ ବିରାଟ ଉଭୟଙ୍କ ପାଇଁ ଶେଷ ଚାମ୍ପିଅନ୍ସ ଟ୍ରଫି ହୋଇପାରେ। ରୋହିତ ଶର୍ମା ଖୁବଶୀଘ୍ର ୩୮ ବର୍ଷରେ ପଦାର୍ପଣ କରିବାକୁ ଯାଉଛନ୍ତି ଏବଂ ବିରାଟ ମଧ୍ୟ ୩୬ ବର୍ଷରେ ପହଞ୍ଚିବେ। ପରବର୍ତ୍ତୀ ଚାମ୍ପିଅନ୍ସ ଟ୍ରଫି ୨୦୨୯ ରେ ଅନୁଷ୍ଠିତ ହେବ, ଯାହାର ଅର୍ଥ ହେଉଛି ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଖେଳିବା ପ୍ରାୟ ଅସମ୍ଭବ ହୋଇଯିବ। ଏପରି ପରିସ୍ଥିତିରେ ଏହା କୁହାଯାଇପାରେ ଯେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ମ୍ୟାଚ ରୋହିତ ଏବଂ ବିରାଟଙ୍କ ଶେଷ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ ହେବ। ଏବେ ଏକମାତ୍ର ଆଶା ହେଉଛି ଯେ ଉଭୟଙ୍କର ବିଜୟୀ ବିଦାୟ।

## ଅଷ୍ଟ୍ରେଲିଆକୁ ହରାଇ ଭାରତ ଚାମ୍ପିୟନ




**ନୂଆଦିଲ୍ଲୀ**

କର୍ଣ୍ଣେଲ ସିଂ ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବଧିର ଟି୨୦ ତ୍ରିରାଷ୍ଟ୍ରୀୟ ସିରିଜରେ ଭାରତ ଚାମ୍ପିୟନ ହୋଇଛି । ଦଳ ଶନିବାର ଫାଇନାଲରେ ୭ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଭାରତୀୟ ବଧିର କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଅନ୍ୟତମ ଦଳ ଭାବେ ଦକ୍ଷିଣ ଆଫ୍ରିକା ଭାଗ ନେଇଥିଲା।

ଫାଇନାଲରେ ଭାରତର କୁଲଦୀପ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୫ଟି ୱିକେଟ ଅକ୍ତିଆର କରିଥିଲେ। ସେ ଆହୁରି ମଧ୍ୟ ସିରିଜର ବେଷ୍ଟ ବୋଲର ବିବେଚିତ ହୋଇଥିଲେ। ଭାରତର ଅନ୍ୟ ଜଣେ ଖେଳାଳି ଅଭିଷେକ ସିଂ ସିରିଜର ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟରେ ବିରେନ୍ଦର ସିଂ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ।

## ପାକିସ୍ତାନ ସମେତ ରୁଷିଆ ଓ କଙ୍ଗୋକୁ ଫୁଟବଲ ବିଶ୍ୱକପରୁ ବ୍ୟାନ୍ କଲା ଫିଫା

**ନୂଆଦିଲ୍ଲୀ**

ଆଇସିସି ଚାମ୍ପିୟନ୍ସ ଟ୍ରଫି ଆୟୋଜକ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି। ଏଥିସହିତ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ହାଇବ୍ରିଡ୍ ମଡେଲ ଅନୁଯାୟୀ ଦୁବାଇରେ ଏହାର ମ୍ୟାଚ୍ ଖେଳୁଛି। କ୍ରିକେଟ ପରେ ଏବେ ପାକିସ୍ତାନ ଫୁଟବଲ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରକୃତରେ ପାକିସ୍ତାନ ବ୍ୟତୀତ, ଫିଫା ରୁଷିଆ ଏବଂ କଙ୍ଗୋକୁ ୨୦୨୬ ବିଶ୍ୱକପରୁ ବ୍ୟାନ୍ କରିଛି। ଚାମ୍ପିୟନ୍ସ ଟ୍ରଫିରେ ଲଜ୍ଜାଜନକ ପ୍ରଦର୍ଶନ ପରେ ଫିଫା ବିଶ୍ୱକପରୁ ବାସନ୍ଦ ହେବା ପାକିସ୍ତାନ ପାଇଁ ଏକ ବଡ଼ ଧକ୍କା ବୋଲି ବିବେଚନା କରାଯାଉଛି।

୨୦୨୬ ଫିଫା ବିଶ୍ୱକପ ଆମେରିକା, କାନାଡା ଏବଂ ମେକ୍ସିକୋରେ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଇତିହାସରେ ପ୍ରଥମ ଥର ପାଇଁ, ୪୮ଟି ଦଳ ଅଂଶଗ୍ରହଣ କରିବେ। ତେଣୁ ଏହି ଟୁର୍ଣ୍ଣାମେଣ୍ଟ ବହୁତ ବଡ଼ ହେବାକୁ ଯାଉଛି। କିନ୍ତୁ ଏହି ସମୟ ମଧ୍ୟରେ ପାକିସ୍ତାନ ବ୍ୟତୀତ, ଫିଫା ରୁଷିଆ ଏବଂ କଙ୍ଗୋକୁ ବ୍ୟାନ୍ କରିଛି। ଏବେ ପ୍ରଶ୍ନ ହେଉଛି ଏହି ଦେଶଗୁଡ଼ିକୁ କାହିଁକି ବ୍ୟାନ୍ କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପାକିସ୍ତାନ ଫୁଟବଲ ଫେଡ଼େରେସନ (ପିଏଫଏଫ) ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ଗ୍ୟାରେଣ୍ଟି ଦେଉଥିବା ନୂତନ ସମ୍ବିଧାନ ଆପଣାଇନାହିଁ। ଯେତେବେଳେ ଫିଫା ଏବଂ ଏସୀୟ ଫୁଟବଲ କନଫେଡ଼େରେସନ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସର୍ତ୍ତ ରଖିଥିଲେ।

ସେହିପରି ରୁଷିଆ ୨୦୨୬ ଫିଫା ବିଶ୍ୱକପଉ ପାଇଁ ଯୋଗ୍ୟତା ଅର୍ଜନ କରିନାହିଁ। ପ୍ରକୃତରେ, ପ୍ରାୟ ୩ ବର୍ଷ ପୂର୍ବେ, ୟୁକ୍ରେନ ଆକ୍ରମଣ ସହିତ ଆରମ୍ଭ ହୋଇଥିବା ଫିଫା ଏବଂ ୟୁଇଏଫଏ ଅଧୀନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ରୁଷିଆ ଜାତୀୟ ଫୁଟବଲ ଦଳକୁ ନିଷିଦ୍ଧ କରାଯାଇଥିଲା। ତେଣୁ ଏହି ପ୍ରତିବନ୍ଧକ ରୁଷିଆ ଉପରେ ଜାରି ରହିବ।

## ମହିଳା ଦିବସରେ ରାଜସ୍ଥାନ ରୟାଲ୍ସର ପିଙ୍କ୍ ପ୍ରୋମିଜ୍ ଜର୍ସି ଉନ୍ମୋଚନ




**ଜୟପୁର**

ରାଜସ୍ଥାନ ରୟାଲ୍ସ ଶନିବାର ପିଙ୍କ୍ ପ୍ରୋମିଜ ଜର୍ସି ଉନ୍ମୋଚନ କରି ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି । ଆସନ୍ତା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ମେ ୧ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚରେ ସମସ୍ତେ ଗୋଲାପୀ ଜର୍ସି ପରିଧାନ କରି ଖେଳିବେ।

ମହିଳା ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ରାଜସ୍ଥାନ ରୟାଲ୍ସର ସିଏସ୍ଆର ଶାଖା ରୟାଲ ରାଜସ୍ଥାନ ଔରତ୍ ହୈ ତେ ଭାରତ ହେ ଶୀର୍ଷକ ଏକ ପ୍ରଚାର ଫିଲ୍ମ ଲଞ୍ଚ କରିଛି। ରାଜସ୍ଥାନରେ ମହିଳା ନେତୃତ୍ୱାଧୀନ ଗ୍ରାମୀଣ ପରିବର୍ତ୍ତନ ପାଇଁ ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚର ପ୍ରତ୍ୟେକ ଟିକେଟ ପାଇଁ ରୟାଲ୍ସ ୧୦୦ ଟଙ୍କା ଲେଖାଏଁ ପ୍ରଦାନ କରିବ। ଏହାଛଡ଼ା ସମସ୍ତ ସ୍ୱତନ୍ତ୍ର ପିଙ୍କ୍ ରୟାଲ୍ସ ଜର୍ସି ବିକ୍ରି ବାବଦରେ ଉପଲବ୍ଧ ଅର୍ଥ ସିଧାସଳଖ ରାଜସ୍ଥାନ ରୟାଲ୍ସ ପାଣ୍ଠିକୁ ଯିବ।

## ଚାମ୍ପିୟନ୍ସ ଟ୍ରଫିର ଫାଇନାଲରେ ବଡ଼ ରେକର୍ଡ କରିବେ ରୋହିତ

**ଦୁବାଇ**

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ଫଳରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଏକ ବିରଳ ରେକର୍ଡର ଅଧିକାରୀ ହେବେ। ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନରଙ୍କ ସହ ଟସ୍ ପକାଇବା ସହିତ ରୋହିତ ପ୍ରଥମ ଅଧିନାୟକଭାବେ ସମସ୍ତ ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ନିଜ ଦଳର ନେତୃତ୍ୱ ନେବାର ସୌଭାଗ୍ୟ ଅର୍ଜନ କରିବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଏବଂ ଦିନିକିଆ କ୍ରିକେଟ ବିଶ୍ୱକପର ଫାଇନାଲ ଖେଳିଥିଲା। ସେହିପରି ୨୦୨୪ ଟି୨୦ ବିଶ୍ୱକପ ଜିତିଥିବା ବେଳେ ଏବେ ୨୦୨୫ ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ଖେଳିବ। ଚାମ୍ପିୟନ୍ସ ଟ୍ରଫିରେ ଭାରତ-ନ୍ୟୁଜିଲାଣ୍ଡ ବିଜୟ/ପରାଜୟ ରେକର୍ଡ ୧-୧ ରହିଛି। ୨୦୦୦ ଫାଇନାଲରେ ଭାରତକୁ ନ୍ୟୁଜିଲାଣ୍ଡ ହରାଇଥିବା ବେଳେ ଚଳିତ ସଂସ୍କରଣର ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି ଭାରତ। ତେଣୁ ଭାରତ ଫାଇନାଲରେ ମନସ୍ତାତ୍ତ୍ୱିକ ଫାଇଦାରେ ରହିବ ବୋଲି କ୍ରିକେଟ ବିଶେଷଜ୍ଞମାନେ ଅନୁଭବ କରୁଛନ୍ତି।




## ଧାମନଗରରେ ଗ୍ରାମୀଣ ପାର୍କ ଯୋଜନା ବିଫଳ

**ଧାମନଗର : ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳ ଲୋକଙ୍କୁ ସହରର ଅନୁଭୂତି ଦେବା ଓ ଗାଁରେ ରହୁଥିବା ପିଲାମାନେ ସହରର ପିଲାଙ୍କ ଭଳି ଆମୋଦପ୍ରମୋଦ କରିବାର ସୁଯୋଗ ପାଇବା ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଗ୍ରାମୀଣ ପାର୍କ ଯୋଜନା ଧାମନଗରରେ ବିଫଳ ହୋଇଛି। ପାର୍କ ନିର୍ମାଣ ନାଁରେ ଗାଁର କୁକିନେତା ମାଲେମାଲ୍ ହୋଇଥିବାବେଳେ ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରିନାହିଁ। ଧାମନଗର ବ୍ଲକରେ ୩୧ଟି ପଞ୍ଚାୟତରୁ ପ୍ରାୟ ୨୮ଟି ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ସେଥି ମଧ୍ୟରୁ ମାତ୍ର ତିନିଟି ପାର୍କ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ତାହା ପୁଣି ୨ଟି ପଞ୍ଚାୟତରେ। ଭଗବାନପୁର ପଞ୍ଚାୟତର ପଦ୍ମପୋଖରୀରେ ଡିଗି ପାର୍କ ଓ ଅନହରପୁର ଶିବ ମନ୍ଦିର ପାଖରେ ଗୋଟିଏ ପାର୍କ ସଂପୂର୍ଣ୍ଣ ହୋଇ ଲୋକଙ୍କ ପାଇଁ ଖୋଲାଯାଇଛି। ସେହିପରି ପଧାନୀ ପଞ୍ଚାୟତରେ ନିର୍ମିତ ପାର୍କ ଲୋକଙ୍କ କାମରେ ଲାଗୁଛି। ଏହି ତିନିଟି ପାର୍କ ଛାଡ଼ିଦେଲେ ଅନ୍ୟ ସବୁ ପଞ୍ଚାୟତରେ କେବଳ ଆରମ୍ଭ ପର୍ଯ୍ୟାୟରେ ରହିଯାଇଛି। ଆନନ୍ଦପୁର, କୋଠାର ଓ ଧାମନଗର କଲେଜ ପରିସରରେ ପାର୍କ ପାଇଁ ବାଉଣ୍ଡରୀ ୱାଲ ନିର୍ମାଣ ହୋଇଛି। ଆଉ ମନରେଗା ଯୋଜନାରେ ଲ୍ୟାଣ୍ଡ ଡେଭଲେପମେଣ୍ଟ ନାଁରେ ମାଟି ପଡ଼ିଛି। ଏ ତିନିଟି ଜାଗାରେ କାମ ଆଉ ଆଗେଇ ନାହିଁ। ପ୍ରାୟ ଦେଢ଼ ବର୍ଷ ହେଲା କାମ ବନ୍ଦ ରହିଛି। ତେବେ ଖପରପଦା, କଟସାହି ପଞ୍ଚାୟତରେ ପାର୍କ ପାଇଁ ସ୍ଥାନ ଚିହ୍ନଟ ହୋଇ ମାଟି ପଡ଼ିଛି। ହେଲେ ଏଠାରେ ବାଉଣ୍ଡରୀ କରାଯାଇନି। ଅନ୍ୟପକ୍ଷରେ ରଇପୁର ଓ ଧୁଷୁରୀରେ ପାର୍କ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଗ୍ରାମାଞ୍ଚଳରେ ଆମୋଦ ପ୍ରମୋଦର ଭିତ୍ତିଭୂମି ବିକାଶ ଲାଗି ୨୦୧୮ ମସିହା ଅକ୍ଟୋବର ପହିଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମୀଣ ପାର୍କ ନିର୍ମାଣ ଲାଗି ନିୟମାବଳୀ ଜାରି କରାଯାଇଥିଲା। ଏହାପରେ କ୍ରିୟାନ୍ୱୟନ ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଜାରି ହୋଇଥିଲା। ସବୁଜ ପରିବେଶ, ଆକର୍ଷଣୀୟ ଫୁଲ, ମର୍ଣ୍ଣିଂ ୱାକ ଓ ଇଭିନିଂ ୱାକ ପାଇଁ ପାଦଚଲା ରାସ୍ତା, ଲୋକେ ବସିବା ଲାଗି ସିମେଣ୍ଟ ବେଞ୍ଚ, ସୁନ୍ଦର ଆଲୋକର ବ୍ୟବସ୍ଥା, ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ରହିବ ବୋଲି ଏହି ନିୟମାବଳୀରେ ରହିଥିଲା। ସେହିପରି ପିଲାଙ୍କ ପାଇଁ ସ୍ଲାଇଡ, ସ୍ୱିଙ୍ଗ, କ୍ରିପି କ୍ରଲି ଓ ଓପନ ଜିମର ବ୍ୟବସ୍ଥା ରହିବା କଥା। ଏସବୁକୁ କାର୍ଯ୍ୟକାରୀ କରିବାକୁ ପ୍ରତ୍ୟେକ ପାର୍କ ପାଇଁ ୩୦ରୁ ୩୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ସ୍ଥଳ ବିଶେଷରେ ଏହା ଖୁବ୍ ଅଧିକ ମଧ୍ୟ ହେଉଥିଲା। ତେବେ ଉପକରଣ କ୍ରୟ ବ୍ୟତୀତ ଅନ୍ୟ ସବୁ କାମ ମନରେଗା ଯୋଜନାରେ କାର୍ଯ୍ୟକାରୀ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏହାର ସୁଯୋଗ ନେଇ ଧାମନଗରରେ ଅଧିକାଂଶ ପଞ୍ଚାୟତରେ ପାର୍କ ନିର୍ମାଣ ପାଇଁ ପଦକ୍ଷେପ ନିଆଗଲା। ଅଧିକାଂଶ ପଞ୍ଚାୟତରେ ସରପଞ୍ଚ ଓ ନିଜ ଦଳର କର୍ମୀମାନେ ଏହି ପାର୍କ ନିର୍ମାଣ କାମ କଲେ। କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ କେବଳ କାର୍ଯ୍ୟାଦେଶ ନିଜ ନାଁରେ ରଖି କାମର ତଦାରଖ କଲେ। ପ୍ରଥମ ପର୍ଯ୍ୟାୟରେ ପାର୍କ ସ୍ଥଳରେ ମନରେଗାର ଲ୍ୟାଣ୍ଡ ଡେଭଲପମେଣ୍ଟ କାର୍ଯ୍ୟ କରି ଅଳ୍ପ କିଛି ମାଟି ପକାଇଦେଲେ। ତା ପରେ କିଛି ସ୍ଥାନରେ ମନରେଗା ଯୋଜନାରେ ବାଉଣ୍ଡରୀ ୱାଲ ମଧ୍ୟ କରିଦେଲେ। ତେବେ ଦିନକୁ ଦିନ ମନରେଗା ଯୋଜନାରେ କାମ କରିବା ବିଶେଷ କରି ଲ୍ୟାଣ୍ଡ ଡେଭଲପମେଣ୍ଟ କାମ କରିବାରେ ଅନେକ କଟକଣା ଜାରି ହେଲା। ତା ପରେ ପାର୍କ କାମ କରିବାକୁ କର୍ମୀମାନେ ଟାଳଟୁଳ ନୀତି ଆପଣାଇଲେ। ଯାହା ଫଳରେ ପାର୍କ ସବୁ ଅଧପନ୍ତରିଆ ହୋଇ ପଡ଼ି ରହିଲା। ଏନେଇ ଧାମନଗର ବିଡିଓ ବନବିହାରୀ ଦିନ୍ଦା କହିଛନ୍ତି ଯେ, ଅର୍ଦ୍ଧ ନିର୍ମିତ ପାର୍କକୁ ସଂପୂର୍ଣ୍ଣ କରିବାକୁ ପଦକ୍ଷେପ ନିଆଯିବ ଖୁବ୍ ଶିଘ୍ର।



## ଭରସାଯୋଗ୍ୟ ସେବା ଓ ସୁରକ୍ଷା ପାଇଁ 'ଟିପିଏସ୍ଓଡିଏଲ୍'ର ପ୍ରତିବଦ୍ଧତା

**ବ୍ରହ୍ମପୁର : ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଖରା ଦିନକୁ ଦୃଷ୍ଟିରେ ରଖି ଲୋକଙ୍କୁ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ଉଦ୍ଦେଶ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ବିଭିନ୍ନ ଆଗୁଆ ପଦକ୍ଷେପ ନିଆଯାଉଛି। ଖରା ଦିନେ ବିଦ୍ୟୁତ କାଟ ସମସ୍ୟାକୁ ଏଡ଼ାଇବା ସହ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ପାଇଁ ଟିପିଏସ୍ଓଡିଏଲ୍ ଏହାର ବିଦ୍ୟୁତ ଭିତ୍ତିଭୂମି ଏବଂ ଜରୁରୀକାଳୀନ ରେସପନ୍ସକୁ ସୁଦୃଢ଼ କରୁଅଛି। ବିଦ୍ୟୁତ ନେଟୱାର୍କରେ ବିଶ୍ୱସନୀୟତା ବୃଦ୍ଧି ପାଇଁ ଟିପିଏସ୍ଓଡିଏଲ୍ ଏହାର ସମସ୍ତ ବିଦ୍ୟୁତ ବିତରଣ ଭିତ୍ତିଭୂମିର ବ୍ୟାପକ ମରାମତି ଓ ରକ୍ଷଣାବେକ୍ଷଣ କାମ କରୁଛି। ଟ୍ରାନ୍ସଫର୍ମର ଏବଂ ଫିଡର୍ ପାଇଁ ଏକ ବ୍ୟବସ୍ଥିତ ଯୋଜନା ପ୍ରସ୍ତୁତ ହେବା ସହ ୩୩ କେଭି ଓ ୧୧ କେଭି ଲାଇନର ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରାଯାଇଛି। କିଛି ବଡ଼ ସମସ୍ୟା ଉପୁଜିବା ପୂର୍ବରୁ ତ୍ରୁଟି ସୁଧାରିବା ପାଇଁ ବିଭିନ୍ନ ସ୍ଥାନରେ ରକ୍ଷଣାବେକ୍ଷଣ ଟିମ୍ ନିୟୋଜିତ କରାଯାଇଛି। ୨୪x୭ ଘଣ୍ଟା ବିଦ୍ୟୁତ ଉପକରଣରେ ତ୍ରୁଟି ମରାମତି ପାଇଁ ୨୦୦ରୁ ଅଧିକ ରାତ୍ରିକାଳୀନ ବ୍ରେକଡାଉନ୍ ଟିମ୍ ଗଠନ କରାଯାଇଛି। ଯାହା ଫଳରେ ଯଥାଶୀଘ୍ର ଉପଭୋକ୍ତାଙ୍କ ପାଖରେ ବିଜୁଳି ପହଞ୍ଚି ପାରିବ। ଏହାସହ ୩୩ କେଭି ନେଟୱାର୍କର ରକ୍ଷଣାବେକ୍ଷଣ ପାଇଁ କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ୨୫୦ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏହା ଦ୍ୱାରା ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ସୁରକ୍ଷିତ ଓ ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରାଯାଇପାରିବ। ଏହି ପ୍ରୟାସକୁ ତ୍ୱରାନ୍ୱିତ କରିବା ପାଇଁ ଟିପିଏସ୍ଓଡିଏଲ୍ ଏହାର କର୍ମଚାରୀମାନଙ୍କୁ ସଶକ୍ତ କରିବା ସହ ଦକ୍ଷ ପରିଚାଳନା ଏବଂ ତ୍ୱରିତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ୬ଟି ସର୍କଲରେ ୫,୯୦୦ରୁ ଅଧିକ ଫିଲ୍ଡ କର୍ମଚାରୀ ନିୟୋଜିତ ହୋଇଛନ୍ତି। କୌଣସି ତ୍ରୁଟି କିମ୍ବା ସେବାରେ ଉପୁଜୁଥିବା ବାଧାକୁ ଯେପରି ତତ୍ପରତାର ସହ ସମାଧାନ କରାଯାଇପାରିବ, ସେଥିପାଇଁ ବିଭିନ୍ନ ସ୍ଥାନରେ ଆବଶ୍ୟକୀୟ ଉପକରଣ ଓ ଯାନବାହନ ସହ ରକ୍ଷଣାବେକ୍ଷଣ ଟିମ୍ ମୁତୟନ କରାଯାଇଛି। ଇଞ୍ଜିନିୟର ଓ ସୁପରଭାଇଜରଙ୍କ ଏକ ସୁସଂଗଠିତ ଟିମ୍ ଯୋଜନା ଓ କାର୍ଯ୍ୟକାରିତାକୁ ତଦାରଖ କରୁଛନ୍ତି। ତା'ସହ ସେମାନେ ରକ୍ଷଣାବେକ୍ଷଣ କାର୍ଯ୍ୟ ଠିକ୍ ସମୟରେ ଶେଷ ହେବା ଉପରେ ଗୁରୁତ୍ୱ ଦେଇ କୌଣସି ଜରୁରୀକାଳୀନ ପରିସ୍ଥିତିରେ ଶୀଘ୍ର ବିଦ୍ୟୁତ ପୁନଃଯୋଗାଣକୁ ସୁନିଶ୍ଚିତ କରୁଛନ୍ତି। ଏହାବ୍ୟତୀତ ବିଦ୍ୟୁତ ସବଷ୍ଟେସନ ଓ ଫିଡର ଲାଇନର ପରିଚାଳନାକୁ ତଦାରଖ କରିବା ପାଇଁ ଡିଭିଜନ ସ୍ତରରେ ଏକ ଉତ୍ସର୍ଗୀକୃତ ଟିମ୍ ନିୟୋଜିତ କରାଯାଇଛି। ବ୍ରହ୍ମପୁର ସ୍ଥିତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସସିସି) ସମଗ୍ର ଅଞ୍ଚଳରେ ବିଦ୍ୟୁତ ବିତରଣର ରିୟଲ ଟାଇମ୍ ମନିଟରିଂ ଓ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୨୪x୭ ପରିଚାଳିତ ପିଏସସିସି ମାଧ୍ୟମରେ ୧୫୮ ଟି ସବଷ୍ଟେସନର ସ୍କାଡା ଆଧାରିତ ରିମୋଟ୍ ମନିଟରିଂ ହେଉଅଛି, ଯାହା ଫଳରେ ଶୀଘ୍ର ତ୍ରୁଟି ଚିହ୍ନଟ ଏବଂ ସମାଧାନ କରିବାରେ ଟିପିଏସ୍ଓଡିଏଲ୍ ସକ୍ଷମ ହୋଇପାରିଛି। ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ୍ ଏବଂ ପିଏସସିସିରେ ଥିବା ୨୪ ଘଣ୍ଟିଆ ପାୱାର ବ୍ୟାକଅପ୍ ବ୍ୟବସ୍ଥା ପ୍ରତିକୂଳ ପାଣିପାଗ ସମୟରେ ମଧ୍ୟ ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବ। ଏହାବ୍ୟତୀତ ଜୟପୁର, ରାୟଗଡ଼ା, ଫୁଲବାଣୀ ଓ ଭଞ୍ଜନଗରରେ ଥିବା ବିକେନ୍ଦ୍ରୀକୃତ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ୧୧ କେଭି ଫିଡର ପରିଚାଳନାରେ ସମନ୍ୱୟ ସୁନିଶ୍ଚିତ କରିବା ସହ ବିଦ୍ୟୁତ ପୁନଃଯୋଗାଣକୁ ତ୍ୱରାନ୍ୱିତ କରିବ। ଏକ ଉତ୍ସର୍ଗୀକୃତ ୩୩ କେଭି ଅପରେସନ୍ ଡେସ୍କ ବିଶେଷ କରି କାଳବୈଶାଖୀ ଭଳି ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ବିଦ୍ୟୁତ ସେବା ସ୍ୱାଭାବିକ କରିବା ସହ ଶକ୍ତି ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରୁଅଛି। ଜରୁରୀକାଳୀନ ପରିସ୍ଥିତିରେ ସମନ୍ୱୟ ବଜାୟ ରଖିବା ପାଇଁ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପିଏସସିସି ଅଧିକାରୀ ଏବଂ ସର୍କଲ ମୁଖ୍ୟମାନଙ୍କୁ ସ୍ୟାଟେଲାଇଟ୍ ଫୋନ୍ ଯୋଗାଇ ଦିଆଯାଇଛି, ଯାହା ଫଳରେ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ମଧ୍ୟ ନିରବଚ୍ଛିନ୍ନ ଯୋଗାଯୋଗ ସୁନିଶ୍ଚିତ ହୋଇପାରିବ। ଟିପିଏସ୍ଓଡିଏଲ୍ ଉପଭୋକ୍ତାଙ୍କ ସମ୍ପୃକ୍ତି ଏବଂ ବିଦ୍ୟୁତ ଯୋଗାଣ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରି ଗ୍ରାହକ ସେବାକୁ ପ୍ରାଥମିକତା ଦେବା ଜାରି ରଖିଛି। ଏହି ପଦକ୍ଷେପର ଏକ ଅଂଶ ଭାବରେ ୬ଟି ସର୍କଲରେ ଏସଏମଏସ ମାଧ୍ୟମରେ ବିଦ୍ୟୁତ ବିଚ୍ଛିନ୍ନ ହେବା ସମ୍ପର୍କିତ ସୂଚନା ଦିଆଯାଉଛି, ଯାହା ଗ୍ରାହକମାନଙ୍କୁ କୌଣସି ଯୋଜନାବଦ୍ଧ କିମ୍ବା ଅପ୍ରତ୍ୟାଶିତ ବିଦ୍ୟୁତ ବିଚ୍ଛିନ୍ନତା ବିଷୟରେ ଅବଗତ କରିବ। କମ୍ପାନୀ ପକ୍ଷରୁ ଫିଡର ଚାମ୍ପିଅନ୍ସଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି, ଯେଉଁମାନେ କାଳବୈଶାଖୀ ପୂର୍ବରୁ ଏବଂ ପରେ ଗୁରୁତ୍ୱପୂର୍ଣ୍ଣ ୩୩ କେଭି ଏବଂ ୧୧ କେଭି ଫିଡରଗୁଡିକର ତଦାରଖ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛନ୍ତି । ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, "ତାପମାତ୍ରା ସାଙ୍ଗକୁ ବିଦ୍ୟୁତ ଚାହିଦା ବଢୁଥିବା ବେଳେ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ଓ ନିରବଚ୍ଛିନ୍ନ ବିଜୁଳି ଯୋଗାଇଦେବାକୁ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ। ଆମର ଭିତ୍ତିଭୂମି ଉନ୍ନତୀକରଣ, ୨୪ ଘଣ୍ଟିଆ ମନିଟରିଂ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ପ୍ରତିକୂଳ ପାଣିପାଗ ପରିସ୍ଥିତିରେ ମଧ୍ୟ ଭରସାଯୋଗ୍ୟ ସେବା ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି । ସୁରକ୍ଷା ଏବଂ ବିଶ୍ୱସନୀୟତା ଉପରେ ପ୍ରାଥମିକତା ଦେବା ସହିତ ଗ୍ରାହକଙ୍କୁ ଗୁଣାତ୍ମକ ସେବା ଯୋଗାଇବା ଦିଗରେ ଆମେ ସମର୍ପିତ।" ଟିପିଏସ୍ଓଡିଏଲର ଗ୍ରୀଷ୍ମକାଳୀନ ପ୍ରସ୍ତୁତିର ମୂଳରେ ରହିଛି ସୁରକ୍ଷା। ସୁରକ୍ଷା ନିୟମାବଳୀର ତଦାରଖ ଏବଂ ଅନୁପାଳନ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ସମସ୍ତ ଡିଭିଜନରେ ବିଏ ସୁରକ୍ଷା ଇଞ୍ଜିନିୟରମାନଙ୍କୁ ନିୟୋଜିତ କରିଛି। ଏକ ସକ୍ରିୟ ଏବଂ ଉପଭୋକ୍ତା କୈନ୍ଦ୍ରିକ ଆଭିମୁଖ୍ୟ ସହିତ କମ୍ପାନୀ ଗ୍ରୀଷ୍ମ ଋତୁର ଆହ୍ୱାନର ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି। ଯାହା ଫଳରେ ଦକ୍ଷିଣ ଓଡ଼ିଶାର ଉପଭୋକ୍ତା, ବ୍ୟବସାୟୀ ଏବଂ ଅତ୍ୟାବଶ୍ୟକ ସେବାଗୁଡ଼ିକ ଆବଶ୍ୟକୀୟ ବିଜୁଳି ସୁବିଧା ପାଇପାରିବେ ।



# ‘ଅନୁସୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର’ : ଯୁବଲେଖିକାଙ୍କ ପୁସ୍ତକ ଆମନ୍ତ୍ରଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

‘ଅନୁସୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର’ ପାଇଁ କେବଳ ଓଡ଼ିଆ ଭାଷାରେ ଲେଖୁଥିବା ଯୁବଲେଖିକାମାନଙ୍କ ପୁସ୍ତକ ଆମନ୍ତ୍ରଣ କରାଯାଉଛି । ଲେଖିକାଙ୍କ ବୟସ ୩୦ ବା ୩୦ରୁ କମ୍ ହୋଇଥିବ ଓ ତାଙ୍କ ପୁସ୍ତକ ୨୦୨୩/୨୦୨୪ରେ ପ୍ରକାଶିତ ହୋଇଥିବ । ଏଥି ପାଇଁ ସଂପୃକ୍ତ ଲେଖିକା କିମ୍ବା ପ୍ରକାଶକ କିମ୍ବା ପ୍ରସ୍ତାବକ ମଧ୍ୟ ସୁପାରିଶ କରିପାରିବେ । ସୁପାରିଶ ପତ୍ରରେ ପୁସ୍ତକର ନାମ, ଲେଖିକାଙ୍କ ନାମ, ଡାକ ଠିକଣା, ଇମେଲ୍, ଜନ୍ମ ତାରିଖ ପ୍ରମାଣପତ୍ର ଓ ଟେଲିଫୋନ ନମ୍ବର ରହିବା ଦରକାର । ଚଳିତ ବର୍ଷ କେବଳ କବିତା ପାଇଁ ପୁରସ୍କାର ଦିଆଯିବ । ତିନିଜଣିଆ ବିଚାରକମଣ୍ଡଳୀଙ୍କ ନିଷ୍ପତ୍ତି ଚୂଡ଼ାନ୍ତ । ପୁରସ୍କାର ଚୟନ ଓ ବିଚାରକଙ୍କ ସଂପର୍କରେ କୌଣସି ଯୋଗାଯୋଗ କରାଯାଇପାରିବ ନାହିଁ। ଆସନ୍ତା ଅପ୍ରେଲ ୩୦ ତାରିଖ ସୁଦ୍ଧା ଗୋଟିଏ ପୁସ୍ତକ ସହିତ ସୁପାରିଶ ପତ୍ର ‘ସୂର୍ଯ୍ୟ ମିଶ୍ର, ବି-୧୦୯, ସିଟି ଏନ୍‌କ୍ଲେଭ୍, ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର-୭୫୧୦୦୨ (ମୋ-୬୩୭୧୪୩୫୨୮)’ ଠିକଣାରେ ପହଞ୍ଚିବା ଆବଶ୍ୟକ ।

‘ଅନୁସୟା ମହାପାତ୍ର ସ୍ମୃତି ଲେଖିକା ପୁରସ୍କାର’ ଆସନ୍ତା ଜୁନ ୧୧ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ । ପୁରସ୍କାର ବାବଦରେ ୨୧ ହଜାର ଟଙ୍କା, ଅଙ୍ଗବସ୍ତ୍ର ଓ ପ୍ରଶସ୍ତିପତ୍ର ଦିଆଯିବ । ପୁରସ୍କାର ପ୍ରକ୍ରିୟା ପରିଚାଳନା ଓ ଆୟୋଜନର ଦାୟିତ୍ୱ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଗ୍ରହଣ କରାଯାଇଛି ବୋଲି ସଂପାଦିକା ସୋନାଲି ମହାପାତ୍ର ପ୍ରକାଶ କରିଛନ୍ତି ।

# ନିୟୁ ଷ୍ଟେସନରୁ ଛାଡ଼ିବ ୩ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ନୂଆ ଷ୍ଟେସନରୁ ଛାଡ଼ିବ ୩ ଗୁରୁତ୍ୱପୂର୍ଣ୍ଣ ଟ୍ରେନ । ସେହି ଟ୍ରେନ୍‌ଗୁଡ଼ିକ ହେଲା ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ, ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ଓ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ । ଏହି ୩ଟି ଟ୍ରେନ୍ ଭୁବନେଶ୍ୱର ନୂଆ ଷ୍ଟେସନରୁ ଯାତ୍ରା ଆରମ୍ଭ କରିବା ସହ ଏଠାରେ ଯାତ୍ରା ଶେଷ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି ।

ଭୁବନେଶ୍ୱର ନୂଆ ଷ୍ଟେସନରୁ ଏହି ଟ୍ରେନଗୁଡ଼ିକ ଯାତ୍ରା ଆରମ୍ଭ କରିବା ଦ୍ୱାରା ଭୁବନେଶ୍ୱର ଉତ୍ତର ଅଞ୍ଚଳ ଏବଂ ସଂଲଗ୍ନ ଅଞ୍ଚଳର ଯାତ୍ରୀମାନେ ଲାଭବାନ ହେବେ। ଏହି ଟ୍ରେନଗୁଡ଼ିକ ମଧ୍ୟ ମଞ୍ଚେଶ୍ୱର ରେଳ ଷ୍ଟେସନରେ ଦୁଇ ମିନିଟ୍ ପାଇଁ ରହିବ । ଅନେକ ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହି ଷ୍ଟେସନ ଏକ ସୁବିଧାଜନକ କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଅମୃତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ନୂତନ ଷ୍ଟେସନର ପୁନଃବିକାଶ ପ୍ରସ୍ତାବ ରହିଛି । ଫଳରେ ଚଳପ୍ରଚଳ କ୍ଷେତ୍ରର ସମ୍ପ୍ରସାରଣ ଏବଂ ଉନ୍ନତିକରଣ ହେବ । ଅତିରିକ୍ତ ଫୁଟଓଭର ବ୍ରିଜ୍ ରହିବ ବୋଲି ପୂର୍ବତଟ ରେଳପଥ ଅଧିକାରୀ ସୂଚନା ଦେଇଛନ୍ତି ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆନ୍ତର୍ଜାତିକ ମହିଳା...

ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି। ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିବ।

ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ଅସଦାଚରଣ କରୁଥିବା ବ୍ୟକ୍ତିଙ୍କ ପାଇଁ କଡା ବାର୍ତ୍ତା ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହିଳାଙ୍କ ବିରୁଦ୍ଧରେ ହିଂସାରେ ଲିପ୍ତ ବ୍ୟକ୍ତି ସରକାର, ବିଶେଷଭାବେ ବ୍ୟକ୍ତିଗତ ଭାବେ ମୋ ପାଇଁ କେବଳ ଜଣେ ଜଣେ ଅପରାଧୀ ଏବଂ ଏହିପରି ଅପରାଧୀଙ୍କ ସ୍ଥାନ ଜେଲର ଚାରିକାନ୍ଥ ମଧ୍ୟରେ, ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନ ନାହିଁ। ଏହାକୁ କଡାକଡି ଭାବେ ପାଳନ କରିବା ପାଇଁ ମୁଁ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇସାରିଛି। ସେ ପୁଣି କହିଥିଲେ ଯେ, ମହିଳା ମାନଙ୍କୁ ଲକ୍ଷପତି କରାଇବା ପାଇଁ ‘ଲକ୍ଷପତି ଦିଦି’ ଯୋଜନା ଆରମ୍ଭ ହୋଇଛି । ସାରା ଦେଶରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି । ଆମ ରାଜ୍ୟ ଲକ୍ଷପତି ଦିଦି ଯୋଜନାକୁ କାର୍ଯ୍ୟକାରୀ କରି ସମଗ୍ର ଭାରତ ବର୍ଷରେ ଦ୍ୱିତୀୟ ସ୍ଥାନ ହାସଲ କରିଛି; ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ସାରିଲୁଣି । ଓଡିଶାରେ ଆମେ ୨୦୨୭ ସୁଦ୍ଧା ଅତି କମ୍ ରେ ୨୫ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାର କାର୍ଯ୍ୟକ୍ରମ ଜାରି ରଖିଛୁ । ବିଗତ ୨୪ ବର୍ଷରେ ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନରେ ରହିଯାଇଥିଲା। କିନ୍ତୁ, ଆମ ସରକାର ମହିଳାଙ୍କୁ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ତରରେ ସଶକ୍ତ କରିବା ପାଇଁ ଶପଥ ନେଇ ବିଭିନ୍ନ କାର୍ଯ୍ୟ ଓ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାରେ ୬୩୮ କୋଟିରୁ ଅଧିକ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୪୯୩ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ ୧୪୫ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି । ସୂଚନା ଥାଉକି, ଏଥିରେ ଅନେକ ଜଳଯୋଗାଣ ପ୍ରକଳ୍ପ, ସଡ଼କ ଉନ୍ନତିକରଣ, ସେତୁ ନିର୍ମାଣ, ଚେକ୍ ଡ୍ୟାମ୍ ପ୍ରକଳ୍ପ, ସ୍ୱାସ୍ଥ୍ୟସେବା କେନ୍ଦ୍ର ସ୍ଥାପନ, ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ପ୍ରକଳ୍ପ ଆଦି ପ୍ରକଳ୍ପ ରହିଛି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେଯେ ସୁଭଦ୍ରା ଆଜି ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ପାଖରେ ପହଞ୍ଚିଛି। କଥା ଦେଇ ଆମ ସରକାର ଆଜି କଥା ରଖିଛନ୍ତି। ୮ ମାସ ମଧ୍ୟରେ ଏହି ଯେଉଁ ପ୍ରତିଶ୍ରୁତି ଆମେ ଦେଇଥିଲୁ ଯେ ମହିଳାଙ୍କୁ ସଶକ୍ତ କରିବୁ ଏବଂ ତାହା ଏହି ଭଳି ଭାବେ ଆଗକୁ ମଧ୍ୟ ଆମେ ପୂର୍ଣ୍ଣ କରିବୁ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ, ଗୋକୁଳାନନ୍ଦ ମଲ୍ଲିକ, ବାଣିଜ୍ୟ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଓ ଗଞ୍ଜାମ ଜିଲ୍ଲାର ସମସ୍ତ ବିଧାୟକ ମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହିଳା ଏବଂ ଶିଶୁବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଧନ୍ୟବାଦ ଦେଇଥିଲେ।

## ସ୍ୱାବଲମ୍ବୀ, ସ୍ୱାଭିମାନୀ,...

ନ୍ୟାୟର କାହାଣୀ। ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ, ମହିଳାମାନଙ୍କର ସଫଳତାର ଉଦାହରଣ ଆଗକୁ ମଧ୍ୟ ବୃଦ୍ଧି ପାଇବ।’ ରାଷ୍ଟ୍ରପତି କହିଛନ୍ତି ଯେ, ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଝିଅମାନେ ଆଗେଇ ଆସିବାକୁ ଉତ୍ତମ ପରିବେଶ ମିଳିବା ଆବଶ୍ୟକ। ସେମାନେ ଏମିତି ଏକ ପରିବେଶରେ ରହିବା ଆବଶ୍ୟକ, ଯେଉଁଥିରେ ସେମାନେ କୌଣସି ଚାପ କିମ୍ବା ଭୟ ବିନା ତାଙ୍କର ଜୀବନ ସମ୍ବନ୍ଧୀୟ ସ୍ୱତନ୍ତ୍ର ନିର୍ଣ୍ଣୟ ନେଇପାରିବେ। ଆମେ ଏମିତି ଏକ ଆଦର୍ଶ ସମାଜ ତିଆରି କରିବା ଆବଶ୍ୟକ, ଯେଉଁଥିରେ କୌଣସି ଝିଅ କିମ୍ବା ଭଉଣୀ ଏକାକୀ ଯିବା କିମ୍ବା ରହିବାରେ ଭୟ ଅନୁଭବ କରିବେ ନାହିଁ। ମହିଳାମାନଙ୍କ ପ୍ରତି ସମ୍ମାନର ଭାବନା ହିଁ ଭୟମୁକ୍ତ ସାମାଜିକ ପରିବେଶ ସୃଷ୍ଟି କରିବ। ଏମିତି ପରିବେଶରେ ଝିଅମାନେ ଯେଉଁ ଆତ୍ମବିଶ୍ୱାସ ପାଇବେ, ସେହି ଆତ୍ମବିଶ୍ୱାସ ଆମ ଦେଶକୁ ନୂତନ ଉଚ୍ଚତାକୁ ନେଇଯିବ। ରାଷ୍ଟ୍ରପତି କହିଛନ୍ତି ଯେ, ଯେତେବେଳେ ଆମେ ମହିଳାମାନଙ୍କର ପ୍ରତିଭାକୁ ସମ୍ମାନ ଦେଇଛୁ, ସେମାନେ ଆମକୁ କେବେ ବି ନିରାଶ କରିନାହାନ୍ତି। ଆମେ ସମ୍ବିଧାନ ସଭାର ସଦସ୍ୟ ଥିବା ସରୋଜିନୀ ନାଇଡୁ, ରାଜକୁମାରୀ ଅମୃତ କୌର, ସୁଚେତା କୃପଲାନୀ ଏବଂ ହଂସାବେନ ମେହତା ମାନଙ୍କର ଅବଦାନକୁ ଭୁଲି ପାରିବା ନାହିଁ। ଏହିପରି ଅନେକ ଉଦାହରଣ ଅଛି, ଯେଉଁଥିରେ ମହିଳାମାନେ ତାଙ୍କର ବୁଦ୍ଧି, ବିବେକ ଏବଂ ଜ୍ଞାନର ଶକ୍ତିରେ କେବଳ ପ୍ରଶଂସା ଅର୍ଜନ କରି ସର୍ବୋଚ୍ଚ ସ୍ଥାନ ପ୍ରାପ୍ତ କରିନାହାନ୍ତି ବରଂ ଦେଶ ଏବଂ ସମାଜର ଗରିମାକୁ ବଢାଇଛନ୍ତି। ତାହା ବିଜ୍ଞାନ ହେଉ କି କ୍ରୀଡ଼ା ହେଉ, ରାଜନୀତି ହେଉ କିମ୍ବା ସମାଜ ସେବା ହେଉ- ସମସ୍ତ କ୍ଷେତ୍ରରେ ମହିଳାମାନେ ତାଙ୍କର ପ୍ରତିଭାର ସମ୍ମାନ ପ୍ରଦର୍ଶିତ କରିଛନ୍ତି।

## ଚାଇନା-ପାକିସ୍ତାନକୁ ...

ଆବଶ୍ୟକ ହୁଏ, ଉଭୟ ଦେଶର ସେନା ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରନ୍ତି ଯାହା ଦ୍ୱାରା ଶାନ୍ତି ବଜାୟ ରହେ। ପାକିସ୍ତାନ ସମ୍ପର୍କରେ ଜେନେରାଲ ଦ୍ୱିବେଦୀ କହିଛନ୍ତି, ଏହା ଆତଙ୍କବାଦକୁ ରୋକିବା ପାଇଁ କୌଣସି ଠୋସ ପଦକ୍ଷେପ ନେଉନାହିଁ । ଏହି କାରଣରୁ ଭାରତୀୟ ସେନାକୁ ସର୍ବଦା ସକ୍ରିୟ ରହିବାକୁ ପଡ଼ିବ। ସେ ଏହା ମଧ୍ୟ କହିଥିଲେ ଯେ ଜମ୍ମୁ ଏବଂ କଶ୍ମୀରରେ ଯେଉଁଠାରେ ପୂର୍ବରୁ ଆତଙ୍କବାଦର ବିପଦ ଥିଲା, ଏବେ ସେଠାରେ ପର୍ଯ୍ୟଟନ ସମୃଦ୍ଧ ହେଉଛି । ସେ କହିଥିଲେ ଆମେ ଆତଙ୍କବାଦରୁ ପର୍ଯ୍ୟଟନ ପର୍ଯ୍ୟନ୍ତ ବହୁତ ଆଗକୁ ଆସିଛୁ। ଜମ୍ମୁ ଏବଂ କଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ ସେନା ଅନେକ ସଫଳ ଅପରେସନ କରିଛି, ଯାହା ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଆଣିଛି।

## ହୀରାକୁଦ ଡ୍ୟାମରେ ...

୧୭୦ କୋଟି, ୨୦୨୯-୩୦ରେ ୧୧୦ କୋଟି , ୨୦୩୦-୩୧ରେ ୯୦.୩୮ କୋଟି ଟଙ୍କା ଖର୍ଚ୍ଚ ହେବ । ସେହିପରି ଜଳ ସ୍ଥଳ ଓ ଆକାଶ ମାର୍ଗରେ ସର୍ଭେ କରି ଫାଟ ଓ ଅନ୍ୟ ସଙ୍କଟଜନକ ପରିସ୍ଥିତି ପାଇଁ ଚିହ୍ନଟ ତଥା ଏହାର ପୁନରୁଦ୍ଧାର ପାଇଁ ୩୨ କୋଟି ଖର୍ଚ୍ଚ ହେବ। ହୀରାକୁଦ ଡ୍ୟାମର ଓ ପ୍ରସ୍ତାବିତ ଅତିରିକ୍ତ ସ୍ପିଲ ୱେ ଗେଟ ଗୁଡିକରେ ସ୍ୱୟଂଚାଳିତ ବ୍ୟବସ୍ଥା କରିବାକୁ ୧୫୦ କୋଟିର ଅର୍ଥ ବ୍ୟୟବରାଦ ହୋଇଛି । କେନ୍ଦ୍ରୀୟ ଜଳ ଆୟୋଗ ଓ ଡ୍ୟାମ ସୁରକ୍ଷା ସମୀକ୍ଷା ପ୍ୟାନେଲ ଅନୁମୋଦନ ପରେ ଏହାକୁ କାର୍ଯ୍ୟକାରୀ କରାଯିବା ପାଇଁ ନିଷ୍ପତ୍ତି ହୋଇଛି ।

ପୂର୍ବରୁ ବାମ ପଟ ଡାଇକରେ ଅଧା ନିର୍ମିତ ଅବସ୍ଥାରେ ଅତିରିକ୍ତ ସ୍ପିଲ ୱେ ପଡିରହିଛି । ଏଥିପାଇଁ ଜମି ଅଧିଗ୍ରହଣ ମଧ୍ୟ ସରିଛି । ଏହାକୁ ନିର୍ମାଣ କରୁଥିବା ସଂସ୍ଥା କୌଣସି କାରଣକୁ ନେଇ ଛାଡ଼ି ଚାଲିଯାଇଛନ୍ତି । ଫଳରେ ଅତିରିକ୍ତ ସ୍ପିଲ ୱେ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବନ୍ୟା ଜଳ ନିଷ୍କାସନ କ୍ଷମତାକୁ ବୃଦ୍ଧି କରିବା ପାଇଁ ବାମ ପାର୍ଶ୍ୱ ବନ୍ଧରେ ନିର୍ମାଣ କରାଯାଉଥିବା ଅତିରିକ୍ତ ସ୍ପିଲ ୱେ ଲମ୍ବ ପ୍ରାୟ ୯୧ ମିଟର ରହିବ ବୋଲି କୁହାଯାଉଥିଲା। ଏଥିରେ ୫ଟି ସ୍ଲୁଇସ ଗେଟ ରହିବାର ଯୋଜନା ଥିଲା।

ଗାନ୍ଧୀମିନାର ନିକଟରୁ ଜବାହାର ଉଦ୍ୟାନ ପଟକୁ ନିର୍ମାଣ ହେବାକୁ ଥିବା ଏହି ଅତିରିକ୍ତ ସ୍ପିଲ ୱେ ଚ୍ୟାନେଲର ଲମ୍ବ ୨ କିମି ଓ ପ୍ରସ୍ଥ ୩ ଶହ ମିଟର ରହିବ। ଏହି ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୦୧୮ରେ ମୋଟ ୩୬୯. ୫୩ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ୯୦୦ କୋଟି ଟଙ୍କାକୁ ଛୁଇଁଥିଲା। ହୀରାକୁଦ ନଦୀବନ୍ଧରେ ବନ୍ୟାଜଳ ନିଷ୍କାସନ ପାଇଁ ଥିବା ମୋଟ ୯୮ଟି ଗେଟ ମଧ୍ୟରୁ ୬୪ଟି ସ୍ଲୁଇସ ଗେଟ ଓ ୩୪ଟି କ୍ରାଏଷ୍ଟ ଗେଟ ରହିଛି। ଯେଉଁଥିରେ ଏକାଥରକେ ପ୍ରାୟ ୧୫ ଲକ୍ଷ କ୍ୟୁସେକ ଜଳ ନିଷ୍କାସନ ହୋଇପାରୁଛି।

## ଖରିଫ ଋତୁରେ ...

ଆଗାମୀ ରବି ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାକୁ କିପରି ଆହୁରି ସୁଗମ କରାଯାଇପାରିବ ସେ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ରବି ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ୧ ମେ ରୁ ୩୦ ଜୁନ ପର୍ଯ୍ୟନ୍ତ ଆରମ୍ଭ ହେବ । ଏଥିପାଇଁ ଚଳିତ ମାସରୁ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ କରାଯିବ ବୋଲି ଶ୍ରୀ ସିଂହ କହିଛନ୍ତି । ସେହିପରି କ୍ରୟ ହୋଇଥିବା ଧାନରୁ ଉତ୍ପାଦିତ ବଳକା ଚାଉଳ ଭାରତୀୟ ଖାଦ୍ୟ ନିଗମକୁ ଯୋଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ରାଜ୍ୟରେ ଇ-କେୱାଇସି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏପର୍ଯ୍ୟନ୍ତ ପ୍ରାୟ ୯୨ ପ୍ରତିଶତ ହିତାଧିକାରୀଙ୍କ ପାଇଁ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଦୁର୍ବଳ ଇଣ୍ଟରନେଟ ସଂଯୋଗ ଥିବା ଅଞ୍ଚଳରେ ଫେୟାର ପ୍ରାଇସ ଦୋକାନ (ଏଫପିଏସ) ରେ ଇଣ୍ଟରନେଟ ବ୍ୟବସ୍ଥା କରି ଇ-କେୱାଇସି ପ୍ରକ୍ରିୟା ଚାଲିଛି । ଏପର୍ଯ୍ୟନ୍ତ ପ୍ରକ୍ରିୟାରେ ସାମିଲ ହୋଇ ନଥିବା ୩୦.୮୪ ଲକ୍ଷ ହିତାଧିକାରୀଙ୍କ ବିଷୟରେ ସୂଚନା ପାଇବା ପାଇଁ ମଧ୍ୟ ପ୍ରୟାସ ଚାଲିଛି।

ଅନ୍ୟପକ୍ଷରେ ପିଡିଏସ ସହିତ ବାଜରା ଭଳି ପୁଷ୍ଟିକର ଉତ୍ପାଦ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇବା ପାଇଁ ପାଇଲଟ ଭିତ୍ତିରେ ମନୋନୀତ ୩୦ଟି ଏଫପିଏସକୁ ଜନ-ପୋଷଣ କେନ୍ଦ୍ର ଭାବରେ ରୂପାନ୍ତରିତ କରାଯିବ। ଏଥିପାଇଁ ଏକ ଦଳ ଅନ୍ୟ ରାଜ୍ୟର ଜନ-ପୋଷଣ କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରି ସେମାନଙ୍କର କାର୍ଯ୍ୟକାରିତା ବିଷୟରେ ପ୍ରତ୍ୟକ୍ଷ ସୂଚନା ହାସଲ କରିବେ।

## ବିଜେପି ସରକାରରେ...

ଜନତା ପାର୍ଟିକୁ ବାଛିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ ଯେ, ବିଜେପି ଓଡ଼ିଶାରେ ସରକାର ଗଢ଼ିଲେ ରାଜ୍ୟରେ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବ। ଦଳର ସରକାର ଗଠନ ପରେ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ମାତ୍ର ୮ ମାସ ମଧ୍ୟରେ ୧୦ ହଜାର କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଦିଆଯାଇଛି। ବିଜେପି ସରକାରରେ ମହିଳାଙ୍କ ପାଇଁ ଋଣ ନୁହେଁ ପ୍ରୋତ୍ସାହନ ରାଶି ସ୍ୱରପ ସୁଭଦ୍ରା ଯୋଜନାରେ ଅଦ୍ୟାବଧି ୧୦ ହଜାର କୋଟି ଟଙ୍କା ଦିଆଯାଇଛି। ବିଜେପି ସରକାର ଆସିବା ପରେ ଲକ୍ଷପତି ଯୋଜନାରେ ସାରା ଭାରତରେ ଓଡ଼ିଶା ଏବେ ୨ୟ ସ୍ଥାନରେ ରହିଛି। ମୋଦିଜୀଙ୍କ ନେତୃତ୍ୱରେ ମହିଳାମାନଙ୍କ ଆର୍ଥିକ ଓ ସାମାଜିକ ସଶକ୍ତିକରଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହା ବ୍ୟତୀତ ମମତା ଯୋଜନା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ୱାନ ଷ୍ଟପ୍ ସେଣ୍ଟର, ୧୮୧ ହେଲ୍ପ ଲାଇନ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ‘ବେଟି ବଚାଓ ବେଟି ପଢ଼ାଓ’ ଇତ୍ୟାଦିର ସଫଳ ରୂପାୟନ କରାଯାଇଛି । ଏହା କେବଳ ମହିଳାମାନଙ୍କୁ ସଶକ୍ତ କରିନାହିଁ ସେମାନଙ୍କ ଆର୍ଥିକ ସ୍ୱାଧୀନତା ତଥା ବିକାଶର ଧାରାକୁ ଦ୍ୱିଗୁଣିତ କରିଛି।

ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ଏଥିରେ ଅଧକ୍ଷତା କରି କହିଥିଲେ ଯେ, ମୋହନ ସରକାର ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ବିଜେପି ମହିଳାମୋର୍ଚ୍ଚାର ସଂଗଠନ ତୃଣମୂଳସ୍ତରରେ ସୁଦୃଢ଼ ରହିଛି। ଆନ୍ତର୍ଜାତିକ ମହିଳା ଦିବସରେ ମହିଳା ମୋର୍ଚ୍ଚାର ସଦସ୍ୟମାନେ ଅଙ୍ଗଦାନ ଓ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରୟାସ ଜାରି ରହିଛି।

ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୨୦ ଜଣ ମହିଳାଙ୍କୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଉତ୍ତରୀୟ ଏବଂ ଫଳକ ଦେଇ ସମ୍ମାନିତ କରିଥିଲେ। ସେମାନେ ହେଲେ ପୂର୍ବତନ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ବରିଷ୍ଠ ନେତ୍ରୀ କାନନବାଳା ପଟ୍ଟନାୟକ, ପ୍ରଫେସର ରୁଚି ଭୂୟାଁ, ଡା. ସରୋଜିନୀ ଷଡ଼ଙ୍ଗୀ, ସାମ୍ବାଦିକା ସୁପ୍ରିୟା ଦାଶ, ମୀନତି ସିଂ, ଶଶୀପ୍ରଭା ଦାସ, ଡ୍ରୋନଦିଦି କୁମୁଦିନୀ ସ୍ୱାଇଁ, ରୋଜାଲିନ୍ ଦାସ, ବବିତା ଦେବଦର୍ଶନୀ, ସୁଚେତା ରାଉତ, ଧରିତ୍ରୀ ପଟ୍ଟନାୟକ, କୁନ୍ତଳା ଦେବୀ, ପୁଷ୍ପିତା ପଲେଇ, ସୁଲୋଚନା ମହାନ୍ତି, ସୁନିତା ପଟ୍ଟନାୟକ, ସ୍ୱପ୍ନପ୍ରିୟା ପାତ୍ର, ପୁଷ୍ପାଞ୍ଜଳି ମହପାତ୍ର, ସୁନୀତା ମହାନ୍ତି।

## ମାର୍ଚ୍ଚରେ ତାପମାତ୍ରା ...

ଭାଗରେ ତାପମାତ୍ରା ୩ ରୁ ୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବାର ସମ୍ଭାବନା ଅଛି । ଯେତେବେଳେ ଉପକୂଳ ଓଡ଼ିଶାରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି।

## ଦିଲ୍ଲୀ-ଏନ୍‌ସିଆରରେ...

ଘରେ ୪ ଜଣରୁ ଅଧିକ ଅସୁସ୍ଥ ହୋଇଛନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଫ୍ଲୁର ଲକ୍ଷଣରେ ବ୍ରୋଙ୍କାଇଟିସ୍, ନିମୋନିଆ ଓ ତରଳ ଝାଡା ହେଉଛି । ଏଣୁ ଭୂତାଣୁ ଦ୍ୱାରା ସଂକ୍ରମିତ ଅଧିକାଂଶ ଲୋକେ ହସ୍ପିଟାଲରେ ଆଡମିଟ ହେଉଛନ୍ତି। ହସ୍ପିଟାଲରେ ଭର୍ତ୍ତି ହେଉଥିବା ଲୋକଙ୍କ ସଂଖ୍ୟା ଏତେ ଅଧିକ ଯେ ଏହି ବୃଦ୍ଧି ଏବେ ଗୁରୁତର ରୋଗର ସୂଚନା ଦେଉଛି ।

ଏହି ଭୂତାଣୁ ୫୦ ବର୍ଷ ବୟସରୁ ଅଧିକ ବୟସ୍କ ଲୋକ, ଛୋଟ ପିଲା, ଉଚ୍ଚ ରକ୍ତଚାପ, ମଧୁମେହ, କୋଲେଷ୍ଟ୍ରଲ ରୋଗୀଙ୍କ ଲାଗି ଅଧିକ ବିପଦଜ୍ଜନକ। ଏହା ଛଡା ଆଜମା ରୋଗୀ, ଦୁର୍ବଳ ଇମ୍ୟୁନିଟି ଥିବା ଲୋକଙ୍କ ଲାଗି ମଧ୍ୟ ଏହି ସଂକ୍ରମଣ ବିପଦଜ୍ଜନକ ହୋଇପାରେ। ଏଣୁ ଏହି ଭୂତାଣୁ ସଂକ୍ରମଣରୁ ବର୍ତ୍ତିବା ପାଇଁ ଡାକ୍ତର ଲୋକଙ୍କୁ ଜନଗହଳି ପୂର୍ଣ୍ଣ ଅଞ୍ଚଳକୁ ନ ଯିବା, ବାରମ୍ବାର ହାତ ଧୋଇବା ଓ ମାସ୍କ ବ୍ୟବହାର ଦ୍ୱାରା ସଂକ୍ରମଣରୁ ବର୍ତ୍ତି ରହି ପାରିବେ ବୋଲି କୁହାଯାଇଛି। ସେହିପରି ଖାଦ୍ୟରେ ଭିଟାମିନ, ପ୍ରୋବାୟୋଟିକ୍ସ ଓ ଆଣ୍ଟିଅକ୍ସିଡେଣ୍ଟ ଯୁକ୍ତ ଖାଦ୍ୟ ସାମିଲ କରିବାରୁ ଡାକ୍ତର ପରାମର୍ଶ ଦେଇଛନ୍ତି। ଏଥିରେ ଯଦି ଲକ୍ଷଣ ଗୁରୁତର ହୁଏ ତେବେ ତୁରନ୍ତ ହସ୍ପିଟାଲ ଯିବାକୁ କୁହାଯାଇଛି।

# ଷ୍ଟେଟ୍ ବ୍ୟାଙ୍କର ସାମାଜିକ ଦାୟିତ୍ୱ ପାଳନକୁ ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳକର୍ପୋରେଟ ସାମାଜିକ ଦାୟିତ୍ୱ ପାଳନ ଅନୁକ୍ରମେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ୨୦୦ ସିଲେଇ ମେସିନ୍ ଏବଂ ଓଡିଶାର ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବାଳିକା ଛାତ୍ରୀ ନିବାସ ପାଇଁ ୮୧ଟି ସାନିଟାରୀ ପ୍ୟାଡ୍ ଭସ୍ମକ ମ୍ୟାସିନ ପ୍ରଦାନ କରିଛି। ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଠାରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।



ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ ଦୀନେଶ ପରୁଥି, ମହାପ୍ରବନ୍ଧକ ପୋନ୍ନାବାଲାମ ଏମ, ମହା ପ୍ରବନ୍ଧକ କୌଶଳ କିଶୋର ସିଂ, ଅନ୍ୟ ଉପମହାପ୍ରବନ୍ଧକ ସମୂହ ସହିତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିଜ ବକ୍ତବ୍ୟରେ ସୁଭଦ୍ରା ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ହସ୍ତାନ୍ତର ପାଇଁ ଏସବିଆଇର ଉଦ୍ୟମକୁ ପ୍ରଶଂସା କରିଥିଲେ । ମିଶନ୍ ଶକ୍ତି ଅଧୀନରେ ମଧ୍ୟ ସର୍ବାଧିକ ଲୋନ ବିତରଣ ପାଇଁ ସେ ଏସବିଆଇକୁ ପ୍ରଶଂସା କରିଥିଲେ ଯାହାଦ୍ୱାରା ଆଜି ଓଡିଶା ରାଜ୍ୟ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହି ଅବସରରେ ଶ୍ରୀମତୀ ପରିଡା ଭାରତୀୟ ଷ୍ଟେଟ ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱରେ ନିମ୍ନବର୍ଗର ମହିଳା ଓ ବିଦ୍ୟାଳୟ / ମହାବିଦ୍ୟାଳୟରେ ପଢୁଥିବା ବାଳିକାମାନଙ୍କ ପାଇଁ ଦେଉଥିବା ବିଭିନ୍ନ ଅବଦାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

# ଏନଏଲସିଆଇଏଲର ତଲାବିରା ପ୍ରକଳ୍ପ ଦ୍ୱାରା ବିସ୍ତୃତ ଚିକିତ୍ସା ଶିବିର : ୭୮୦ରୁ ଅଧିକ ଗ୍ରାମବାସୀ ଲାଭାନ୍ୱିତ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଏନଏଲସି ଇଣ୍ଡିଆ ଲିମିଟେଡ୍‌ର ତଲାବିରା ଖଣି ଖୋଲିବା ପ୍ରକଳ୍ପ (ଓସିପି) ୨ ଏବଂ ୩ ଦ୍ୱାରା ଏକ ଶୃଙ୍ଖଳାବଦ୍ଧ ଚିକିତ୍ସା ଶିବିର ସଫଳତାର ସହିତ ସମାପ୍ତ ହୋଇଛି, ଯେଉଁଥିରେ ଏହି ପ୍ରକଳ୍ପର ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ମୂଳଭୂତ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଛି ଏବଂ ସେମାନଙ୍କର ସୁସ୍ଥତା ବୃଦ୍ଧି କରାଯାଇଛି।

ଏହି ପ୍ରୟାସର ସାର୍ଥକ ପରିଣତି ଭାବରେ ୦୬ ମାର୍ଚ୍ଚ, ୨୦୨୫ରେ ମାଲ୍‌ଦା ଗ୍ରାମପଞ୍ଚାୟତରେ ଏକ ବୃହତ୍ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଉପକ୍ରମର ଉଦ୍‌ଘାଟନ କରିଥିଲେ ଚେରୁକୁ ଦୟାନନ୍ଦ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ/ପ୍ରକଳ୍ପ ପ୍ରମୁଖ, ତଲାବିରା ଏବଂ ସ୍ମିତାରିଙ୍କି ସିଂହ, ମାଲ୍‌ଦା ଜିପିର ସରପଞ୍ଚ। ଏହି ଅନୁଷ୍ଠାନ ନିୟୋଜିତ ହୋଇଥିଲା ବିକାଶ ହସ୍ପିଟାଲ୍, ବରଗଡ଼ ଦ୍ୱାରା, ଏବଂ ୪୮୦ରୁ ଅଧିକ ରୋଗୀ ଏହି ଶିବିରରେ ଉପସ୍ଥିତ ଥିଲେ। ବିଶେଷଜ୍ଞ ଡାକ୍ତରମାନଙ୍କ ଉପସ୍ଥିତି ଦ୍ୱାରା ଅନେକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଧ୍ୟାନ ଦିଆଯାଇଥିଲା ଏବଂ ରୋଗୀମାନେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ପାଇଥିଲେ। ମାଲ୍‌ଦା ଜିପିର ଶିବିର ପୂର୍ବରୁ, ୦୬ ମାର୍ଚ୍ଚ, ୨୦୨୫ରେ ଏନଏଲସିଆଇଏଲ ଏବଂ ସଂଜୀବନୀ ହସ୍ପିଟାଲ୍, ଝାରସୁଗୁଡ଼ା ଦ୍ୱାରା ପତ୍ରପାଲି ଗ୍ରାମରେ ଏକ ବ୍ୟାପକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ପତ୍ରପାଲି ଗ୍ରାମର ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଶିବିରରେ ୩୦୦ରୁ ଅଧିକ ଗ୍ରାମବାସୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଦୁଇଟି ଶିବିରରେ ଉପସ୍ଥିତ ଲୋକମାନେ ମାଗଣା ଚିକିତ୍ସା ପରାମର୍ଶ, ଔଷଧ ଏବଂ ଖାଦ୍ୟ ସୁବିଧା ପାଇଥିବାରୁ ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ। ଅସ୍ଥି କାର, ମଧରାତ୍ର ଚିକିତ୍ସା, ଶିଶୁଚିକିତ୍ସା, ଦନ୍ତ ଚିକିତ୍ସା ଏବଂ ଅନ୍ୟାନ୍ୟ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରୋଗୀମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ, ରୋଗ ଚିହ୍ନଟ, ଏବଂ ଚିକିତ୍ସା ପରାମର୍ଶ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଚିକିତ୍ସା ଆବଶ୍ୟକ ଥିବା ଲୋକମାନଙ୍କ ପାଇଁ ଚିକିତ୍ସା ଶିବିରରୁ ଆଗକୁ ରେଫର କରିବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ଅନୁଷ୍ଠାନକୁ ସମନ୍ୱୟ କରିଥିଲେ ରଘୁନାଥ ବେହେରା, ସାମାନ୍ୟ ପ୍ରବନ୍ଧକ/ଭୂମି, ସୁବ୍ରତ କୁମାର ବିଶାଳ, ଉପପ୍ରବନ୍ଧକ/ମାନବ ସଂସାଧନ, ଡା. ଶ୍ରୀନିବାସ ସ୍ୱୟଂପ୍ରକାଶ, ଚିକିତ୍ସା ନିର୍ଦ୍ଦେଶକ ଏବଂ ମୁଖ୍ୟ ଚିକିତ୍ସାଧିକାରୀ, ତଲାବିରା ପ୍ରକଳ୍ପ ଏବଂ ସିଏସଆର ବିଭାଗ, ଭୂମି ବିଭାଗର ଅଧିକାରୀମାନେ, ବିକାଶହସ୍ପିଟାଲ୍, ବରଗଡ଼ ଏବଂ ସଂଜୀବନୀହସ୍ପିଟାଲ୍, ଝାରସୁଗୁଡ଼ାର ପ୍ରତିନିଧିମାନେ। ଗ୍ରାମବାସୀମାନେ ଏନଏଲସିଆଇଏଲର ଏହି ସ୍ୱାସ୍ଥ୍ୟ ସୁରକ୍ଷାପ୍ରତି ପ୍ରତିବଦ୍ଧତା ପ୍ରତି ଅଭିନନ୍ଦନ ଜଣାଇଥିଲେ। ଏହି ପ୍ରୟାସଗୁଡ଼ିକ ଏନଏଲସିଆଇଏଲର ଦାୟିତ୍ୱପୂର୍ଣ୍ଣ କର୍ପୋରେଟ ନାଗରିକତ୍ୱ ଏବଂ ସମୁଦାୟ ସମ୍ପର୍କକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିଲା।

# ନବୀନ ବାବୁ ଯେଉଁ ଯୋଜନା କରିଛନ୍ତି, ତାହାର ସମକକ୍ଷ ହୋଇପାରିବେନି : ପ୍ରମିଳା ମଲ୍ଲିକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳା ଦିବସ ପାଳନ ଅବସରରେ ଶଙ୍ଖ ଭବନରେ ବର୍ଷିଲେ ପ୍ରମିଳା । ବିଜେପି ସରକାରଙ୍କ କିଛି ଯୋଜନା କାମ କରିବ ନାହିଁ। ମହିଳାଙ୍କୁ ସଶକ୍ତ କରିବାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସବୁ ଯୋଜନା କରିଛନ୍ତି, ତାଙ୍କ ସହ କେହି ସମକକ୍ଷ ହୋଇ ପାରିବେନାହିଁ । ମହିଳା ଦିବସରେ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବାକୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ନିର୍ବାଚନ ବେଳେ କାହିଁକି ଭୁଲିଗଲେ ମହିଳା । ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକ ମହିଳାଙ୍କ ମାନଙ୍କ ପାଇଁ କେତେ କଣ କରିଛନ୍ତି । ନିର୍ବାଚନ ବେଳେ ମହିଳାମାନେ କେମିତି ଭୁଲିଗଲେ । କ’ଣ ୫ ହଜାର, ୫୦ ହଜାର ପାଇଁ ଭୁଲିଗଲେ ବୋଲି ପ୍ରଶ୍ନ ପଚାରିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ୨୪ ବର୍ଷରେ କ’ଣ ହେଇଛି । କ’ଣ ପାଇଁ ଅଭିମାନ । ଅଭିମାନ ଭାଙ୍ଗିବ ନା ନାହିଁ ବୋଲି ପ୍ରଶ୍ନ କରିଛନ୍ତି ପ୍ରମିଳା ମଲ୍ଲିକ । ବର୍ଷେ ଗଲା ଆଉ ୪ ବର୍ଷ ଲଢ଼େଇ ହେବ । ଏ ଲଢ଼େଇ ଆଜିଠୁ ଚାଲିବ। ରଙ୍ଗ ଓ ରାସ୍ତା ଘାଟ ପରିବର୍ତ୍ତନ କରୁଛନ୍ତି ପରିବର୍ତ୍ତନ ସରକାର । ରାସ୍ତାରେ ଫଟୋ ଲଗାଇ ବୋଡ଼ ମାରିଦେଲେ କ’ଣ ହେବ, ରାସ୍ତା କେଉଁଠୁ ଆରମ୍ଭ କେଉଁଠୁ ଶେଷ ଜାଣିନାହାନ୍ତି। ବିଜୁ ବାବୁଙ୍କ ତ୍ୟାଗକୁ ଭୁଲିଗଲେ । ବିଜୁଙ୍କ ଭଳି ପୁଅ ଓଡ଼ିଶାରେ ଆଉ ଜନ୍ମ ହେବେ ନାହିଁ । ଓଡ଼ିଆ ଜାତି ପାଇଁ ଅପମାନ କରିଛନ୍ତି ରାଜ୍ୟ ସରକାର । ବିଜୁଙ୍କ ପାଇଁ ଘରେ ଘରେ ଆମେ କହିବୁ ବିଜୁ ବାବୁ ଅମର ରହେ ।

# ଅଧିକାରୀଙ୍କୁ ପରାମର୍ଶ ଦେଲେ କଳାଧନ ଏସ୍‌ଆଇଟି ଅଧ୍ୟକ୍ଷ

# ତୁରନ୍ତ ବିଚାର କରି ଦୁର୍ନୀତିଖୋରଙ୍କୁ ଦଣ୍ଡ ଦିଅ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଯେଉଁ ବିଭାଗ ବା କ୍ଷେତ୍ରରେ ଅଧିକ ଦୁର୍ନୀତି ହେଉଛି, ତାକୁ ଅଧିକ ଗୁରୁତ୍ୱ ଦେଇ କାମ କରନ୍ତୁ। ଦୁର୍ନୀତିଖୋରଙ୍କୁ ଛାଡ଼ନ୍ତୁ ନାହିଁ, ସମସ୍ତଙ୍କୁ ଧରନ୍ତୁ। କଟକରେ ହୋଇଥିବା କଳାଧନ ସଂପର୍କିତ ଏସଆଇଟି ବୈଠକରେ ଅଧିକାରୀଙ୍କୁ ଏହି ପରାମର୍ଶ ଦେଇଛନ୍ତି ଏସଆଇଟି ମୁଖ୍ୟ ଜଷ୍ଟିସ୍ ଅରିଜିତ ପଶାୟତ। ମାମଲାର ଶୀଘ୍ର ବିଚାର ଓ ଦୋଷୀମାନେ ଯେମିତି ଦଣ୍ଡ ପାଇବେ, ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି ଜଷ୍ଟିସ ପଶାୟତ। ଅନଲାଇନ ଫ୍ରଡ୍ ପ୍ରତି ସତର୍କ ରହିବାକୁ ମଧ୍ୟ ସେ କହିଛନ୍ତି। ଆଜି କଟକରେ ହୋଇଥିବା ବୈଠକରେ କେନ୍ଦ୍ର ଓ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏବଂ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଇଡି, ଆୟକର, ନାର୍କୋଟିକ୍ସ, ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ, ପୋଲିସ, ଜିଏସଟି, ଖଣି ବିଭାଗର ଅଧିକାରୀ। ଗତ ଅକ୍ଟୋବରରେ ଏସଆଇଟିର ଦଶମ ଅନ୍ତରୀଣ ରିପୋର୍ଟ ସୁପ୍ରିମକୋର୍ଟଙ୍କୁ ପ୍ରଦାନ କରାଯାଇଥିଲା। ଆଉ ଚାରି ପାଞ୍ଚ ମାସ ପରେ ପରବର୍ତ୍ତୀ ରିପୋର୍ଟ ସୁପ୍ରିମକୋର୍ଟ ନିକଟରେ ଦାଖଲ କରାଯିବ।


**ପୂର୍ବ ତଟ ରେଳପଥ**

ପତ୍ର ସଂଖ୍ୟା:ST-OT-CAR-FESTIVAL-KUR/456
ତା: 28.02.2025

**କାର୍ଯ୍ୟର ନାମ :** ପୁରୀ ଷ୍ଟେସନ ଠାରେ ରଥଯାତ୍ରା-2025 ସମ୍ବନ୍ଧୀୟ ଅସ୍ଥାୟୀ ଦୂରସଂଚାର ସ୍ଥାପନର ବ୍ୟବସ୍ଥା ଏବଂ ଅନ୍ୟ ବିବିଧ କାର୍ଯ୍ୟ ସମୂହ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** ₹ 57,21,991.46, EMD (ଟଙ୍କାରେ) : ₹ 1,14,400/-, ବିଡ୍ ଆରମ୍ଭ ହେବା ତାରିଖ : ତା. 10.02.2025.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.03.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ହେବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-1052/P/24-25



GOVERNMENT OF ORISSA
OFFICE OF THE EXECUTIVE ENGINEER
RURAL WORKS DIVISION, RAYAGADA
O-1583
Email:rw_rayagada@yahoo.co.in
***
Phone No.06856-222188
E-Procurement Notice
No- Date. 1089 3.3.2025
Bid Identification No: EERWRGD – Online – 08/2024-25

1 Name of the Work : Maintenance of Road works for the year 2024-25.
2 Total No. of Works : 13 Nos (Percentage rate tender)
3 Estimated Cost : Varies from 6.27 lakhs to 10.92 lakhs
4 Class of Contractor : "D","C"
5 Time of Completion : Specified in DTCN.
6 Mode of submission of tender : Tender should be submitted only in online https://www.tendersodisha.gov.in
7 Other details : Detailed tender condition specified in DTCN.

| Procurement Officer | Bid Identification No. | No. of works | Availability of Tender online for Bidding | | Date & Time of opening of tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division,Rayagada | EERWRGD Online – 08/2024-25 | 13 (Thirteen)Nos | 07.03.2025 at 11.00 A.M. | 13.03.2025 up to 5.00 P.M. | 13.03.2025 at 5.30 P.M. |

Further details can be seen from the website:www.tendersodisha.gov.in
OIPR-25072/11/0017/2425
Executive Engineer
R.W. Division, Rayagada

ଭୁବନେଶ୍ୱର
୯ ମାର୍ଚ୍ଚ, ରବିବାର,
୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27







ବ୍ରହ୍ମପୁର : ମହିଳା ଦିବସରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ବଣ୍ଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ଦୁଇ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ଓ ପ୍ରଭାତୀ ପରିଡା, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।
(ଫଟୋ : ସମ୍ବାଦ କଳିକା)

### କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

# କିଟ୍ ଓ କିସ୍ ଅଭିବୃଦ୍ଧିରେ ମହିଳାମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ




**ଭୁବନେଶ୍ୱର, ୮।୩**
**ନ୍ୟୁଜ ବ୍ୟୁରୋ**

କିଟ୍ ଓ କିସ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, କିଟ୍ ଓ କିସ୍ ଅଭିବୃଦ୍ଧିରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। କିଟ୍ ଓ କିସ୍ ମଧ୍ୟ ମହିଳାମାନଙ୍କୁ ସବୁବେଳେ ସମାନ ସୁଯୋଗ ଓ ସମ୍ମାନ ଦେଇଆସୁଛି। ଅପରପକ୍ଷରେ କିଟ୍ ଓ କିସ୍‌ର ମହିଳା କର୍ମଚାରୀମାନେ କିଟ୍ ଓ କିସ୍ ସହ ସେମାନଙ୍କ ଭାବାବେଗ ଗଭୀର ଭାବେ ଜଡ଼ିତ ହୋଇ କହିଥିଲେ। ପୁରୁଷ କର୍ମଚାରୀଙ୍କ ଭଳି ସେମାନଙ୍କୁ ବ୍ୟକ୍ତିଗତ ଓ ବୃତ୍ତିଗତ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ କିଟ୍ ଓ କିସ୍ କର୍ତ୍ତୃପକ୍ଷ ଏକ ଉତ୍ତମ ପରିବେଶ ସୃଷ୍ଟି କରିଛନ୍ତି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ କିସ୍‌ର ସେଣ୍ଟର ଫର ୱିମେନ୍ ଷ୍ଟଡିଜ୍ ପକ୍ଷରୁ ଆୟୋଜିତ ମହିଳା ଦିବସ କାର୍ଯ୍ୟକ୍ରମରେ କ୍ରୀଡ଼ା ମାଧ୍ୟମରେ ମହିଳା ସଶକ୍ତିକରଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦେବାଶିଷ ବନ୍ଦୋପାଧ୍ୟାୟ ଓ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ କିଟ୍ ଓ କିସ୍‌ରେ ୫୦% ମହିଳା କର୍ମଚାରୀ କାର୍ଯ୍ୟକରୁଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ମଧ୍ୟ ୫୦%ରୁ ଅଧିକ।

# ମୋଦିଙ୍କୁ ମିଳିଲା ଅନରାରି ଅର୍ଡର ଅଫ୍ ଫ୍ରିଡମ୍ ଅଫ୍ ବାରବାଡୋସ୍ ପୁରସ୍କାର

**ନୂଆଦିଲ୍ଲୀ, ୮/୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମ୍ମାନଜନକ ପୁରସ୍କାରରେ ସମ୍ମାନିତ କଲା ବାରବାଡୋସ୍। କୋଭିଡ-୧୯ ମହାମାରୀ ସମୟରେ ଉତ୍ତମ ରଣନୈତିକ ନେତୃତ୍ୱ ଏବଂ ମୂଲ୍ୟବାନ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ପ୍ରତିଷ୍ଠିତ ସମ୍ମାନଜନକ ଅର୍ଡର ଅଫ୍ ଫ୍ରିଡମ୍ ଅଫ୍ ବାରବାଡୋସ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ବ୍ରିଜଟାଉନର ସରକାରୀ ଗୃହରେ ବାରବାଡୋସର ରାଷ୍ଟ୍ରପତି ଡେମ୍ ସାଣ୍ଡ୍ରା ମାସନ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ)ର ଏକ ବିବୃତ୍ତି ଜାରି କରି ସୂଚନା ଦିଆଯାଇଛି। ବାରବାଡୋସର ବ୍ରିଜଟାଉନରେ ଆୟୋଜିତ ଏକ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପକ୍ଷରୁ ବୈଦେଶିକ ବ୍ୟାପାର ଏବଂ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ପୁରସ୍କାର ଦୁଇ ଦେଶ, ଭାରତ ଏବଂ ବାରବାଡୋସ ମଧ୍ୟରେ ସ୍ଥାୟୀ ବନ୍ଧୁତାର ପ୍ରତୀକ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି। ତେବେ ୨୦ ନଭେମ୍ବର ୨୦୨୪ରେ ଶ୍ରୀ ମୋଦିଙ୍କୁ ଏହି ସମ୍ମାନ ଦିଆଯିବ ବୋଲି ବାରବାଡୋସ୍ ପକ୍ଷରୁ ଘୋଷଣା କରାଯାଇଥିଲା। ଗୁୟାନାର ଜର୍ଜଟାଉନରେ ଦ୍ୱିତୀୟ ଭାରତ-କାରିକମ୍ ନେତା ସମ୍ମିଳନୀରେ ବାରବାଡୋସ୍ ପ୍ରଧାନମନ୍ତ୍ରୀ ମିଆ ଆମର୍ ମୋଟଲି ଏହି ପୁରସ୍କାର ଘୋଷଣା କରିଥିଲେ। ପୁରସ୍କାର ଗ୍ରହଣ କରିବା ପରେ ଟ୍ୱିଟରରେ ଏକ ବିବୃତ୍ତି ଜାରି କରି ମାର୍ଗେରିଟା କହିଛନ୍ତି ଯେ ଏହି ସମ୍ମାନ ଭାରତ ଏବଂ ବାରବାଡୋସ ମଧ୍ୟରେ ଗଭୀର ସମ୍ପର୍କ, ସହଯୋଗ ଏବଂ ବିକାଶ ପ୍ରତି ଆମର ମିଳିତ ପ୍ରତିବଦ୍ଧତାକୁ ଦର୍ଶାଇବ, ବିଶେଷକରି ସଙ୍କଟ ସମୟରେ। ୧୯୬୬ ମସିହାରେ ଦୂତାବାସ ପ୍ରତିଷ୍ଠା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଘନିଷ୍ଠ ରହିଛି ବୋଲି ସେ କହିଛନ୍ତି। ସୂଚନା ଥାଉକି ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ସାଉଦି ଆରବର ସର୍ବୋଚ୍ଚ ନାଗରିକ ସମ୍ମାନ - କିଙ୍ଗ ଅବଦୁଲ ଅଜିଜ୍ ସେସ୍, ଆଫଗାନିସ୍ତାନର ସର୍ବୋଚ୍ଚ ନାଗରିକ ସମ୍ମାନ-ଆମିର ଅମାନୁଲ୍ଲାହ ଖାନ ପୁରସ୍କାର, ପାଲେଷ୍ଟାଇନର ଗ୍ରାଣ୍ଡ୍ କଲାର ଅଫ୍ ଦ ଷ୍ଟେଟ୍ ଅଫ୍ ପାଲେଷ୍ଟାଇନ୍ ପୁରସ୍କାର, ସଂଯୁକ୍ତ ଆରବ ଏମିରେଟ୍ସର ଅର୍ଡର ଅଫ୍ ଜାଏଦ, ରୁଷିଆର ଅର୍ଡର ଅଫ୍ ସେଣ୍ଟ ଆଣ୍ଡ୍ରୁ ଦି ଆପୋଷ୍ଟଲ୍ ସମ୍ମାନ, ମାଳଦ୍ୱୀପର ନିଶାନ ଇଜ୍ଜୁଦିନ, ବାହାରିନର କିଙ୍ଗ ହମାଦ୍ ଅର୍ଡର ଅଫ୍ ଦି ରେନେସାଁ ପୁରସ୍କାର ଏବଂ ଆମେରିକାର ଯୁକ୍ତରାଷ୍ଟ୍ର ସଶସ୍ତ୍ର ବାହିନୀ ପୁରସ୍କାର, ଲିଜିଅନ୍ ଅଫ୍ ମେରିଟ୍ ପ୍ରଦାନ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଫ୍ରାନ୍ସର ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଲିଜିଅନ୍ ଅଫ୍ ଅନର, ଭୁଟାନର ସର୍ବୋଚ୍ଚ ସମ୍ମାନ ଅର୍ଡର ଅଫ୍ ଦି ଡ୍ରୁକ୍ ଗ୍ୟାଲପୋ, ପାଲାଉର ଏବାକଲ ପୁରସ୍କାର, ଫିଜିର କମ୍ପାନିଅନ ଅଫ୍ ଦି ଅର୍ଡର ଅଫ୍ ଫିଜି ପୁରସ୍କାର ଏବଂ ପାପୁଆ ନ୍ୟୁ ଗିନିର ଗ୍ରାଣ୍ଡ କମ୍ପାନିୟନ ଅଫ୍ ଦ ଅର୍ଡର ଅଫ୍ ଲୋଗୋହୁ, ମିଶ୍ର ଦେଶରେ ଅର୍ଡର ଅଫ୍ ଦି ନାଇଲ୍, ଫ୍ରାନ୍ସର ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଲିଜିଅନ୍ ଅଫ୍ ଅନର୍ ଏବଂ ଗ୍ରୀସର ଗ୍ରାଣ୍ଡ କ୍ରସ୍ ଅଫ୍ ଦ ଅର୍ଡର ଅଫ୍ ଅନର୍ ପ୍ରଦାନ କରାଯାଇଛି।



## ରାଜ୍ୟପାଳଙ୍କୁ ଭେଟିଲେ ଉତ୍କଳ ଚାମ୍ବର ଅଫ୍ କମର୍ସ ପ୍ରତିନିଧିମଣ୍ଡଳୀ

**ଭୁବନେଶ୍ୱର,୮/୩ ନ୍ୟୁଜ ବ୍ୟୁରୋ**

ଆର୍ଥିକ ବିକାଶ ପ୍ରତି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିଃ ଓ ଭାଇଜାଗପଟମ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ପ୍ରତିବଦ୍ଧତା ଉଭୟ ରାଜ୍ୟର ସମୃଦ୍ଧ ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଶନିବାର ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିଃ ଓ ଭାଇଜାଗପଟମ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ପ୍ରତିନିଧିମଣ୍ଡଳୀ ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ ଏବଂ ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏହି ଆଲୋଚନା ବେଳେ ଉଭୟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ପ୍ରତିନିଧିମାନେ ସେମାନଙ୍କ ମଧ୍ୟରେ ସମନ୍ୱୟ, ସହଯୋଗ, ସହଭାଗିତା ମାଧ୍ୟମରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଉଭୟ ଚାମ୍ବର ଅଫ୍ କମର୍ସ ଇଣ୍ଡଷ୍ଟ୍ରି ଲିଡର୍, ନୀତି ନିର୍ଦ୍ଧାରକ ଏବଂ ଉଦ୍ୟୋଗୀମାନଙ୍କୁ ଏକାଠି କରି ଉଭୟ ରାଜ୍ୟର ବିକାଶ ପାଇଁ ପଦକ୍ଷେପ ନେଉଥିବାରୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଉଦ୍ୟୋଗ, ସ୍ଥାୟୀ ଶିଳ୍ପ ଏବଂ ରପ୍ତାନୀ ଭିତ୍ତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଯୋଗାଇବା ଯାତ୍ରାରେ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏହା ଫଳରେ ପାରସ୍ପରିକ ସହଯୋଗ ମାଧ୍ୟମରେ ଲଜିଷ୍ଟିକସ୍, ଦକ୍ଷତା ବିକାଶ, ନବୀକରଣୀୟ ଶକ୍ତି ଏବଂ ପ୍ରଯୁକ୍ତି ବିଦ୍ୟାଚାଳିତ ଶିଳ୍ପ ଭଳି କ୍ଷେତ୍ରରେ ନୂତନ ରାସ୍ତା ଖୋଲିବ। ଏହି ସମ୍ଭାବନାକୁ ଉପଯୋଗ କରି ଉଭୟ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ସଂଯୋଗୀକରଣକୁ ସୁଦୃଢ଼ କରିବା, ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପ୍ରୋତ୍ସାହିତ କରିବା, ନବସୃଜନକୁ ଆପଣେଇ ଉଭୟ ରାଜ୍ୟର ଅଭିବୃଦ୍ଧି ଓ ବିକାଶକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ରାଜ୍ୟପାଳ କହିଥିଲେ ଯେ ବାଣିଜ୍ୟ ବ୍ୟବସାୟ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆଞ୍ଚଳିକ ସହଯୋଗର ମେରୁଦଣ୍ଡ ସଦୃଶ। ଭୌଗଳିକ ଦୃଷ୍ଟିରୁ ଆନ୍ଧ୍ର ପ୍ରଦେଶ ଓଡ଼ିଶାର କେବଳ ପଡ଼ୋଶୀ ରାଜ୍ୟ ନୁହେଁ, ବରଂ ଦୃଢ଼ ସାଂସ୍କୃତିକ, ଅର୍ଥନୈତିକ ଏବଂ ଶିଳ୍ପ ସଂପର୍କର ଅଂଶୀଦାର ଅଟନ୍ତି।

## ଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥ ନିମନ୍ତେ ଖଣ୍ଡପଡ଼ା ବନାଞ୍ଚଳରୁ ଆସିଲା ରଥକାଠ



**ଭୁବନେଶ୍ୱର, ୮/୩**
**ନ୍ୟୁଜ ବ୍ୟୁରୋ**

ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥ ନିମନ୍ତେ ଖଣ୍ଡପଡ଼ା ବନାଞ୍ଚଳରୁ ରଥକାଠ ଭୁବନେଶ୍ୱରରେ ପହଞ୍ଚିଥିବା ସୂଚନା ମିଳିଛି। ସହରାଞ୍ଚଳ ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରୁ ତିନି ଗୋଟି ଆମ୍ବ ଗଛ କଟାଇଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି। ଶ୍ରୀ ଲିଙ୍ଗରାଜ ମନ୍ଦିର ପ୍ରଶାସନ ପକ୍ଷରୁ ହେମନ୍ତ କୁମାର ମହାପାତ୍ର, ସ୍ଥାନୀୟ ଫରେଷ୍ଟର ସନାତନ ସ୍ୱାଇଁଙ୍କ ଉପସ୍ଥିତିରେ ରଥକାଠ ପାଇଁ କଟାଯାଇଥିବା ମୋଟ ୯ ଖଣ୍ଡ ଆମ୍ବ କାଠ ଗଣ୍ଡିକୁ ସହରାଞ୍ଚଳ ବାଇପାସ ରାସ୍ତା ପାର୍ଶ୍ୱରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା ପରେ ସ୍ୱତନ୍ତ୍ର ଟ୍ରକ ଯୋଗେ ଭୁବନେଶ୍ୱର ପଠାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟଗାର୍ଡ ଅଶୋକ ଗୁରୁ, ରମେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସହିଦ ନଗର ମିକ୍ସଚର ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ : ନିଆଁ ଲାଗିବାର କାରଣ ଅସ୍ପଷ୍ଟ

**ଭୁବନେଶ୍ୱର,୮/୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ସହିଦ ନଗରରେ ଭୟାବହ ଅଗ୍ନିକାଣ୍ଡ। ଏଠାରେ ଥିବା ଏକ ମିକ୍ସଚର ଫ୍ୟାକ୍ଟ୍ରିରେ ନିଆଁ ଲାଗିଥିଲା। ହୁତୁହୁତୁ ହୋଇ ଜଳିଥିଲା ନିଆଁ । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡ଼ିନଥିବା ବେଳେ ସ୍ଥାନୀୟ ପରିବେଶ ଧୂଆଁମୟ ହୋଇଯାଇଥିଲା। ସେଠାରେ ଥିବା ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହିଥିଲେ।




## ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳାମାନଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ



**ଭୁବନେଶ୍ୱର, ୮/୩ ନ୍ୟୁଜ ବ୍ୟୁରୋ**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମସ୍ତ ମହିଳାଙ୍କୁ ଶୁଭେଚ୍ଛା ଜଣାଇଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ସେ ସୋସିଆଲ ମିଡିଆ ଏକ୍ସରେ ଶୁଭେଚ୍ଛା ବାର୍ତ୍ତା ଦେଇ ଲେଖିଛନ୍ତି ଯେ, ଆମେ ସର୍ବଦା ମହିଳାଙ୍କୁ ସମ୍ମାନ ଏବଂ ମହିଳା ସଶକ୍ତିକରଣକୁ ସର୍ବଦା ସମସ୍ତ କ୍ଷେତ୍ରରେ ଗୁରୁତ୍ୱ ଦେଇଛୁ । ଓଡ଼ିଶାରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ମିଶନଶକ୍ତି ଯୋଜନା, ମମତା ଯୋଜନା ଏବଂ ଲିଙ୍ଗଗତ ବଜେଟ୍ ଭଳି ଅନେକ ପଦକ୍ଷେପ ନିଆଯାଇଛି । ତେଣୁ ଏହି ମହିଳା ଦିବସରେ ଆସନ୍ତୁ ସବୁଠି ମହିଳାଙ୍କ ନେତୃତ୍ୱକୁ ପାଳନ କରିବା ଏବଂ ସର୍ବୋଚ୍ଚ ନିଷ୍ପତ୍ତିକୁ ସମ୍ମାନ ଜଣାଇବା ଓ ସମାଜରେ ତଥା ବିଭିନ୍ନ ସଂସ୍ଥାରେ ମହିଳାମାନଙ୍କ ଅଧିକ ଭୂମିକାକୁ ସୁନିଶ୍ଚିତ କରିବା।

## ପାରିବାରିକ ବିବାଦ : ସ୍ତ୍ରୀକୁ ଇଟାରେ ଛେଚି ହତ୍ୟା କଲା ସ୍ୱାମୀ

**ସୁନ୍ଦରଗଡ଼ ୦୮।୦୩ ନ୍ୟୁଜ ବ୍ୟୁରୋ**

ପାରିବାରିକ ଝଗଡ଼ାରୁ ସର୍ବନାଶ । ସାମାନ୍ୟ ବଚସାରୁ ରାଗିଯାଇ ସ୍ତ୍ରୀକୁ ଇଟାରେ ଛେଚି ହତ୍ୟା କରିଦେଲା ନିଷ୍ଠୁର ସ୍ୱାମୀ । ସୁନ୍ଦରଗଡ଼ ଟାଉନ ଥାନା ଭବାନୀପୁର ଠାରେ ଏଭଳି ଅଭାବନୀୟ ଘଟଣା ଘଟିଛି । ହତ୍ୟାକାରୀ ସ୍ୱାମୀ ମଙ୍ଗଲୁ ଓରାମକୁ ଗିରଫ କରିଛି ପୋଲିସ । ସୂଚନା ଅନୁଯାୟୀ, ମଙ୍ଗଲୁ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପାରିବାରିକ ବିବାଦ ନେଇ ଯୁକ୍ତିତର୍କ ଚାଲିଥିଲା । ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ବିବାଦ ବଢିବାରେ ଲାଗିଥିଲା। ଯେଉଁଥିରେ ସ୍ୱାମୀ ମଙ୍ଗଲୁ ରାଗି ଯାଇ ଏକ ଇଟାରେ ସ୍ତ୍ରୀର ମୁଣ୍ଡକୁ ଛେଚି ଦେଇଥିଲା । ଯାହାଫଳରେ ଘଟଣାସ୍ଥଳରେ ହିଁ ସ୍ତ୍ରୀର ଚାଲିଯାଇଛି ଜୀବନ । ସେପଟେ ହତ୍ୟାକାଣ୍ଡ ସଂପର୍କରେ ସୁନ୍ଦରଗଡ଼ ଟାଉନ ଥାନା ପୋଲିସକୁ ତୁରନ୍ତ ଖବର ଦେଇଥିଲେ ଗାଁ ଲୋକ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଆଉ ଅଭିଯୁକ୍ତକୁ ଧରିବା ପାଇଁ ଛାନ୍‌ଭିନ୍ ଜାରି ରଖିଥିଲା । ଶେଷରେ ହତ୍ୟାକାରୀ ସ୍ୱାମୀକୁ ଗିରଫ କରିଥିଲା ପୋଲିସ । ଏହାସହ ମହିଳାଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏହାବ୍ୟତୀତ ଯଦି ଆଗକୁ ଆବଶ୍ୟକ ପଡେ, ତେବେ ସାଇଣ୍ଟିଫିକ୍ ଟିମ୍ ସହଯୋଗ ନେଇପାରେ ପୋଲିସ ।



